## ଆଜି କ'ଣ କେଉଁଠି

**ସିମୁଳିଆ**

- 'ପ୍ରୟାସ' ସଙ୍ଗଠନ ପକ୍ଷରୁ ବିଶ୍ୱ ମହିଳା ଦିବସ ପାଳନ । ସ୍ଥାନ, ମାର୍କୋଣା, ସମୟ, ସକାଳ ୭ଟା ।
- ବିଜେଡିର ମହିଳା ସମାବେଶ । ସ୍ଥାନ, ମାର୍କୋଣା ଷ୍ଟେଶନ ବଜାର, ସମୟ, ପୂର୍ବାହ୍ନ ୧୦ଟା ।

## ସଂକ୍ଷେପରେ

### ୧୫ରୁ ସୁବର୍ଣ୍ଣରେଖା ଗ୍ରାମୀଣ ଦୋଳ ମହୋତ୍ସବ

**ବାଲିଆପାଳ, ୭।୩(ଡି.ଏନ.ଏ.):** ବାଲିଆପାଳ ବ୍ଲକ ବାସୁଦେବପୁର ଦୋଳ ମେଳଣ ପଡ଼ିଆରେ ଆସନ୍ତା ୧୫ରୁ ୨୧ତାରିଖ ପର୍ଯ୍ୟନ୍ତ ପ୍ରସିଦ୍ଧ ସୁବର୍ଣ୍ଣରେଖା ଗ୍ରାମୀଣ ଦୋଳ ମହୋତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ମଙ୍ଗଳବାର ସ୍ଥାନୀୟ ମହାଦେବ ମଣ୍ଡପ ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ମହୋତ୍ସବ ସକାଶେ ରାଧାକୃଷ୍ଣଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜନ, ଲଉଡ଼ି ଖେଳ, କବାଡ଼ି ପ୍ରତିଯୋଗିତା, ମୀନାବଜାର, ନାଗର ଦୋଳି, ଷ୍ଟଲ, ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବୈଠକରେ ଶ୍ରୀକାନ୍ତ ନାଥ ଅଧକ୍ଷତା କରିଥିବା ବେଳେ ଜିଲାପରିଷଦ ସଦସ୍ୟ ରବୀନ୍ଦ୍ର ନାଥ ଅଣ୍ଡିଆ, ସରପଞ୍ଚ ବୀଣାପାଣି ଧଳ, ପୂର୍ବତନ ସରପଞ୍ଚ ଅଜୟ ଭୂୟାଁ, ସରୋଜ ପିଳା, ସୌମଦୀପ ଚକ୍ରବର୍ତ୍ତୀ, ଆଇନଜୀବୀ ଅର୍ଦ୍ଧେନ୍ଦୁ ବାରିକ, ମନ୍ମଥ ନାୟକ, ସ୍ୱସ୍ତିକ ପିଳା, ପ୍ରାଣକୃଷ୍ଣ କାମିଲା, ମହେଶ୍ୱର ବିଶ୍ୱାଳ, କମଳାକାନ୍ତ ବାରିକ, ମହେଶ୍ୱର ଯାଦବ, ବିଜୟ ଦାସ, ଗୋପାଳ କାମିଲା, ଚନ୍ଦ୍ରକାନ୍ତ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

### ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ରୂପ୍‌ସା, ୭।୩(ଡି.ଏନ.ଏ.):** ବାଲେଶ୍ୱର ଜିଲା ବସ୍ତା ବ୍ଲକ ସନ୍ତୋଷପୁର ପଞ୍ଚାୟତ ଅନ୍ତର୍ଗତ ବେଣାପୁରା ଗ୍ରାମରେ ନବନିର୍ମିତ ଶ୍ରୀଶ୍ରୀ ଖଇରେଶ୍ୱର ଶିବମନ୍ଦିରର ପ୍ରତିଷ୍ଠା ଉତ୍ସବ ମହାଆଡ଼ମ୍ବରରେ ସମ୍ପନ୍ନ ହୋଇଛି। ୨ଦିନ ବ୍ୟାପୀ ପଣ୍ଡିତ ରବି ନାରାୟଣ ରଥଙ୍କ ପୌରୋହିତ୍ୟରେ ଯଥାରୀତି ପୂଜାର୍ଚ୍ଚନା, ବେଦପାଠ, ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅଧିବାସ ପୂର୍ବକ ଘଟୋତ୍ତୋଳନ କରାଯାଇ ୧୦୮ କଳସ ଶୋଭାଯାତ୍ରାରେ ଆଖପାଖ ଅଞ୍ଚଳର ମହିଳା, ପୁରୁଷ ସାମିଲ ହୋଇଥିଲେ। ଗ୍ରାମର ମୁଖ୍ୟ ସର୍ବେଶ୍ୱର ପତି, ନରେଶ ମହାନ୍ତି, ସନ୍ନ୍ୟାସୀ ପ୍ରଧାନ, ଅଧ୍ୟାପକ ଦୀପ୍ତିମାନ ପତି ଓ ଦେବେନ୍ଦ୍ର ବେହେରା ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚତୁର୍ଥ ପ୍ରହର ନାମ ସଂକୀର୍ତ୍ତନ, ଷୋଡ଼ଶ ଉପଚାର ପୂଜା ଓ ସଂକଳ୍ପ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପରିଚାଳନା କମିଟି ସଭାପତି ଲୋକନାଥ ପତି ଓ ସମ୍ପାଦକ ସପନ କୁମାର ମିଶ୍ରଙ୍କ ସମେତ ସମସ୍ତ ଗ୍ରାମବାସୀ ଏହି ପ୍ରତିଷ୍ଠା ଉତ୍ସବରେ ସହଯୋଗ କରିଥିଲେ।

# ନର୍ସିଂହୋମ, କ୍ଲିନିକ ଉପରେ ଲଗାମ ନାହିଁ

(ମାନସ ବିଶ୍ୱାଳ)
ବାଲେଶ୍ୱର ଅଫିସ, ୭।୩

- ■ସରକାରୀ ତଥ୍ୟରେ ନାହିଁ ତାଳମେଳ
- ■ଅସୁରକ୍ଷିତ ଅବସ୍ଥାରେ ଚାଲିଛି ରୋଗୀଙ୍କ ଚିକିତ୍ସା
- ■ନବୀକରଣ ଆବେଦନର ସରୁନି ଯାଞ୍ଚ

ବାଲେଶ୍ୱର ସହର ସମେତ ଜଳେଶ୍ୱର, ଭୋଗରାଇ, ସୋର, ସିମୁଳିଆ, ନୀଳଗିରି, ରେମୁଣା ଆଦି ବ୍ଲକରେ ଅନେକ ବେଆଇନ ନର୍ସିଂହୋମ ଓ ଘରୋଇ କ୍ଲିନିକ୍ ରହିଛି। ପ୍ରଶାସନ ପକ୍ଷରୁ ଏହା ଉପରେ କୌଣସି ଲଗାମ ନ ଥିବା ଅଭିଯୋଗ ହେଉଥିଲେ ମଧ୍ୟ ପ୍ରତିକାର କରାଯାଉନାହିଁ। ଅନ୍ୟପକ୍ଷେ ନର୍ସିଂହୋମ ଓ ଘରୋଇ କ୍ଲିନିକ ନେଇ ସରକାରୀ ଭାବେ ଦିଆଯାଉଥିବା ତଥ୍ୟରେ ତାଳମେଳ ରହୁନାହିଁ। ଜିଲାରେ ମୋଟ୍ ୫୨ଟି ଘରୋଇ କ୍ଲିନିକ୍ ଏବଂ ନର୍ସିଂହୋମ୍ ଥିବା ଡାଇରେକ୍ଟୋରେଟ୍ ଅଫ୍ ମେଡ଼ିକାଲ ଏଜୁକେଶନ ଏବଂ ଟ୍ରେନିଂ(ଡିଏମ୍‌ଇଟି) ନିକଟରେ ପଞ୍ଜୀକୃତ ହୋଇଥିବା ବେଳେ ରାଜ୍ୟ ପ୍ରଶାସନ ପକ୍ଷରୁ ମୋଟ ୪୧ଟି ବେସରକାରୀ ନର୍ସିଂହୋମ୍ ଓ କ୍ଲିନିକ ଥିବା କୁହାଯାଉଛି। ବିସ୍ମୟର କଥା ଯେ, ଏସବୁ ଘରୋଇ ସଂସ୍ଥା ମଧ୍ୟରୁ ଗୋଟିଏମାତ୍ର ସରକାରୀ ସ୍ୱୀକୃତିପ୍ରାପ୍ତ ବୋଲି ଜଣାପଡିଛି। ବିନା ଲାଇସେନ୍ସରେ ଚାଲିଥିବା ବେଳେ କେତେକ ନର୍ସିଂହୋମ ଓ କ୍ଲିନିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ମଧ୍ୟ ନାହିଁ। ରୋଗୀଙ୍କ ସୁରକ୍ଷା ପ୍ରତି ଧ୍ୟାନ ନ ଦେଇ ସେମାନଙ୍କ ଜୀବନ ସହ କିଭଳି ଖେଳ ଖେଳାଯାଉଛି ଏହା ତାହାର ନମୁନା ବୋଲି ସଚେତନ ନାଗରିକ ତଥା ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି।

ପ୍ରଶାସନ ସୂତ୍ରରୁ ଜଣାଯାଇଛି ଯେ, କେତେକ ନର୍ସିଂହୋମ ଓ କ୍ଲିନିକର ପଞ୍ଜୀକରଣ ଓ ନବୀକରଣର ଅନୁମୋଦନ ପାଇଁ ଜିଲାପାଳ ଏବଂ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟରେ ଆବେଦନ ବିଚାର ପାଇଁ ପଡ଼ିରହିଛି। ଅନୁମୋଦନ ମାସେ କି ଦୁଇ ମାସେ ନୁହେଁ, ୨୦୧୫ରୁ କେତେକ ନର୍ସିଂହୋମ୍‌ର ନବୀକରଣ କିମ୍ବା ପଞ୍ଜୀକରଣ ହୋଇପାରିନାହିଁ। ସେହିପରି କେତେକ ନର୍ସିଂହୋମ୍‌ର ଲାଇସେନ୍ସ ଅବଧି ୪ରୁ ୫ବର୍ଷ ତଳେ ସରିଯାଇଥିବା କୁହାଯାଉଛି। ଏଭଳି ସ୍ଥିତିରେ ନର୍ସିଂହୋମ୍‌ଗୁଡ଼ିକ ନିର୍ଦ୍ଧାରିତ ଶଯ୍ୟା ସଂଖ୍ୟାଠାରୁ ଅଧିକ ସଂଖ୍ୟକ ରୋଗୀ ଭର୍ତ୍ତି କରି ଚିକିତ୍ସା କାର୍ଯ୍ୟ ଅବାଧରେ ଚଳାଇଛନ୍ତି। ବେଆଇନ ଭାବେ ଚାଲୁଥିବା ନର୍ସିଂହୋମ୍ ଓ କ୍ଲିନିକରେ ଯଦି କୌଣସି ପ୍ରକାର ଦୁର୍ଘଟଣା ଘଟେ ସେଥିପ୍ରତି କିଏ ଦାୟୀ ରହିବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକଙ୍କୁ ପଚାରିବାରୁ କହିଛନ୍ତି, ଜିଲା ପ୍ରଶାସନ ଏଭଳି ସମସ୍ୟା ସମ୍ପର୍କରେ ଅବଗତ ରହିଛି। ଯାଞ୍ଚ ତଥା ତଦାରଖ ଲାଗି ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇ ଏକ ଟିମ୍ ଗଠନ କରାଯାଇଛି। ଉକ୍ତ ଟିମ୍ ଏହା ମଧ୍ୟରେ ତଦାରଖ କାର୍ଯ୍ୟ ଆରମ୍ଭ ହୋଇଛି। ଆବଶ୍ୟକ କାଗଜପତ୍ର ଯାଞ୍ଚ କରାଯାଇ ନିୟମ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବାନାର୍ଜୀ ଛୋଟରାୟ ଅନୁରୂପ ମତବ୍ୟକ୍ତ କରି କହିଛନ୍ତି, ସମ୍ପ୍ରତି ନର୍ସିଂହୋମଗୁଡ଼ିକର ଫାୟାର ସେଫ୍ଟି, ପରିମଳ ବ୍ୟବସ୍ଥା, ଉପଯୁକ୍ତ ସ୍ଥାନ ଯାଞ୍ଚ ସମେତ ଆବଶ୍ୟକ କାଗଜପତ୍ର ତଦାରଖ ଆରମ୍ଭ ହୋଇଛି। ଅତିରିକ୍ତ ଜିଲା ଚିକିତ୍ସାଧିକାରୀ, ଅଗ୍ନି ନିର୍ବାପକ ଅଧିକାରୀ ଏବଂ ଜିଲା ଆରକ୍ଷୀ ଅଧୀକ୍ଷକ କାର୍ଯ୍ୟାଳୟରୁ ଜଣେ ଅଧିକାରୀଙ୍କୁ ମିଶାଇ ମୋଟ ତିନିଜଣିଆ ଦଳ ଏହାର ତଦନ୍ତ କରୁଛନ୍ତି।

# ଏଟିଏମ୍‌ରୁ ବାହାରୁଛି ଜାଲ ନୋଟ

ଖଇରା, ୭।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡସ୍ଥିତ ଷ୍ଟେଟ ବ୍ୟାଙ୍କ ଏଟିଏମରୁ ଏକ ଜାଲ ନୋଟ ବାହାରୁଥିବା ଅଭିଯୋଗ ହୋଇଛି । ଗଣ୍ଡିବେଡ ବଜାର କମିଟି ପୂର୍ବତନ ସଭାପତି ଅଭିମନ୍ୟୁ ରାଉଳ ଶୁକ୍ରବାର ରାତିରେ ଏଟିଏମ କାଉଣ୍ଟରରୁ ୨୦ହଜାର ଟଙ୍କା ଉଠାଇବା ପରେ ଏଥିରେ ଖଣ୍ଡିଏ ଶହେ ଟଙ୍କିଆ ନୋଟ ଜାଲ୍ ଥିବା ଦେଖିଥିଲେ। ଏନେଇ ସେ ଆଞ୍ଚଳିକ ପରିଚାଳକଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ପୂର୍ବରୁ ବହୁବାର ଏଭଳି ଅଭିଯୋଗ ହୋଇ ଆସୁଥିବାରୁ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି ।


ଏଟିଏମରୁ ବାହାରିଥିବା ଜାଲ ୧ଶହ ଟଙ୍କା

# ସୁପର ମଡେଲ ଆଶାରେ ସ୍ୱୀକୃତି

(ଉତ୍କଳବନ୍ଧୁ ପଣ୍ଡା)
ଖଇରା, ୭।୩

ବାଲେଶ୍ୱର ଜିଲା ଖଇରା ଅଞ୍ଚଳର ଗାଁ ମାଟିର ଝିଅ ସ୍ୱୀକୃତି ମଡେଲିଂ ଦୁନିଆର ଆକର୍ଷଣରେ ଏବେ ବାନ୍ଧି ହୋଇପଡିଛନ୍ତି। ର୍‍ୟାମ୍ପ ୱାକ ଓ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ସେ ସୃଷ୍ଟି କରୁଛନ୍ତି କିଛି ଭିନ୍ନ ଚମକ। ମିସ୍ ଆଣ୍ଡ ମିଷ୍ଟର ଏସିଆ ଇଣ୍ଟରନ୍ୟାଶନାଲ ଇଣ୍ଡିଆ ୨୦୧୯-୨୦ରେ ମିସ୍ ଓଡ଼ିଶା ଏସିଆ ଇଣ୍ଟରନ୍ୟାଶନାଲ ଇଣ୍ଡିଆ ଭାବେ ରାଜ୍ୟ ପଦକ ଜିତିବାର ସୌଭାଗ୍ୟ ତାଙ୍କୁ ଆଗକୁ ବଢ଼ିବା ଲାଗି ଯୋଗାଇଛି ପ୍ରେରଣା। ଘରୋଇ ଭାବେ ତାଲିମ ନେଇ ସେ ଏବେ ନିୟମିତ ର୍‍ୟାମ୍ପ ୱାକ ଅଭ୍ୟାସ ଜାରି ରଖିଛନ୍ତି। ଫେମିନା ମିସ ଇଣ୍ଡିଆ ଭଳି ପ୍ରତିଯୋଗିତାରେ ଭାଗ ନେବା ପାଇଁ ପ୍ରସ୍ତୁତି ଚଳାଇଥିବା କହିଛନ୍ତି। ଲକ୍ଷ୍ୟ ନିଜକୁ ସୁପର ମଡେଲ କରି ଗଢିବା।

ଖଇରା ବ୍ଲକ ସୁଣ୍ଡିରା ପଞ୍ଚାୟତ ଅଧୀନ ଅଘାପଦା ଗ୍ରାମର ବସନ୍ତ ସାହୁଙ୍କ ଝିଅ ସ୍ୱୀକୃତି । ଭାରତୀୟ ସେନା ବାହିନୀରେ ତାଙ୍କ ବାପା କାର୍ଯ୍ୟ କରୁଥିବାରୁ ସେ ବାଙ୍ଗାଲୋର ଚାଲିଯାଇ ସେଠାରେ ପାଠ ପଢି ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ସ୍ୱୀକୃତି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଆଗକୁ ବଢ଼ିବା ପାଇଁ ତାଙ୍କର ଦୃଢ଼ ଇଚ୍ଛାଶକ୍ତି ରହିଛି। ଦିନେ ନା ଦିନେ ସେ ନିଜ ଲକ୍ଷ୍ୟରେ ସଫଳ ହୋଇପାରିବେ। ମିସ ଆଣ୍ଡ ମିଷ୍ଟର ଏସିଆ ଇଣ୍ଟରନ୍ୟାଶନାଲ ଇଣ୍ଡିଆ ୨୦୧୯-୨୦ ପ୍ରତିଯୋଗିତାରେ ଭାଗ ନେଇ ମିସ୍ ଓଡିଶା ଏସିଆ ଇଣ୍ଟରନ୍ୟାଶନାଲ ଇଣ୍ଡିଆ ଭାବେ ରାଜ୍ୟ ପଦକ ପ୍ରତିଯୋଗିତା ଜିତିବା ଥିଲା ତାଙ୍କ ଜୀବନର ଏକ ସ୍ମରଣୀୟ ମୁହୂର୍ତ୍ତ। ଗ୍ଲୋବାଲ ଇଣ୍ଡିଆ ଏଣ୍ଟରଟେନମେଣ୍ଟ ପ୍ରଡକ୍ସନ ଆନୁକୂଲ୍ୟରେ ଦିଲ୍ଲୀର ମହିପାଲପୁରର ଗ୍ଲିଜ ୱେଷ୍ଟର୍ନ ଇନ୍‌ରେ ଗତ ଜାନୁୟାରୀ ୨୪ରୁ ୨୭ ତାରିଖ ପର୍ଯ୍ୟନ୍ତ ଗ୍ରୋମିଂ ପର୍ଯ୍ୟାୟରେ ପ୍ରଥମ ୨୦ଜଣଙ୍କ ତାଲିକାରେ ସେ ସ୍ଥାନ ପାଇଥିଲେ। ୨୮ତାରିଖରେ ଅନୁଷ୍ଠିତ ଗ୍ରାଣ୍ଡ ଫାଇନାଲରେ ତାଙ୍କୁ ଓଡ଼ିଶା ପାଇଁ ମିଳିଥିଲା ବିଜୟ ପଦକ। ଭାରତୀୟ ଫ୍ୟାଶନ ଟେକ୍ନୋଲୋଜି ପ୍ରତିଷ୍ଠାନର ଅଧକ୍ଷ ରଣଦୀପ ପାଲ ତାଙ୍କୁ ବିଜୟ ମୁକୁଟ ପିନ୍ଧାଇଥିଲେ। ପାଠପଢା ସମୟରେ ନିଜେ ସଂଘର୍ଷ କରି ବହୁ ବାଧାବିଘ୍ନ ଅତିକ୍ରମ କରି ସେ ଲକ୍ଷ୍ୟପଥରେ ଆଗେଇ ଚାଲିଛନ୍ତି। ୨୦୧୯ ଡିସେମ୍ବର ୧୩ତାରିଖରେ ସିଏମଓଏଫ୍ ଗ୍ଲୋବାଲ୍ସ ତରଫରୁ ହାଇଦ୍ରାବାଦଠାରେ ଶିଳ୍ପକଳା ବେଦିକା ପକ୍ଷରୁ ଆୟୋଜିତ ମିସ ଆଣ୍ଡ ମିଷ୍ଟର ଅର୍ବାନ ଇଣ୍ଡିଆ ପ୍ରତିଯୋଗିତାରେ ସେ ୧୦ଜଣଙ୍କ ମଧ୍ୟରେ ନିଜ ସ୍ଥାନ ପକ୍କା କରିଥିଲେ । ଓଡିଶା ମାଟିର ଝିଅ ଭାବେ ସେ ଗର୍ବ ଅନୁଭବ କରନ୍ତି ବୋଲି କହିଛନ୍ତି ।


ସ୍ୱୀକୃତି ମିସ ଓଡିଶା ଏସିଆ ଇଣ୍ଟରନ୍ୟାଶନାଲ ପ୍ରତିଯୋଗିତା ଜିତିବା ପରେ ତାଙ୍କୁ ଆୟୋଜକମାନେ ପୁରସ୍କୃତ କରୁଛନ୍ତି ।

**ଆନ୍ତର୍ଜାତିକ ମହିଳା ଦିବସ ଆଜି**

# ପୁଅର ଶବ ପୋତିବା ପାଇଁ ଜାଗା ମିଳିଲାନି

ସଜନାଗଡ଼, ୭।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ଜଡ଼ିଦା ପଞ୍ଚାୟତର ଡାହିସାହି ଗ୍ରାମର ଜଗନ୍ନାଥ ରଣା କିଛି ଦିନ ଧରି ଥଣ୍ଡା ଜ୍ୱରରେ ପୀଡ଼ିତ ହେବା ପରେ ଗତ ୫ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ବାପାଙ୍କ ମୃତ୍ୟୁ ପରେ ବିଧବା ମା' କମଳିନୀ ରଣା ଆର୍ଥିକ ଅନାଟନ ମଧ୍ୟରେ ଚଳି ଆସୁଥିଲେ। ପୁଅର ଔଷଧ ଟିକେ ପାଇଁ ଘରେ କାଣି କଉଡ଼ିଟିଏ ବି ନ ଥିଲା। ପୁଅର ମୃତ୍ୟୁ ହେବା ପରେ ମା' ଉପାୟଶୂନ୍ୟ ହୋଇପଡିଥିଲେ। ପରେ ସମ୍ପର୍କୀୟମାନେ ପହଞ୍ଚି ଶବଦାହ ପାଇଁ ଅର୍ଥ ନ ଥିବା ଜାଣି ମୃତଦେହକୁ ଗାଁ ମଶାଣିରେ ପୋତି ଦେବାକୁ ନିଷ୍ପତ୍ତି ନେଇଥିଲେ। ଶବକୁ ମଶାଣିରେ ପୋତିବା ପାଇଁ ବ୍ୟବସ୍ଥା କରୁଥିବା ବେଳେ କେତେକ ଗାଁ ଲୋକେ ଏହାକୁ ବାରଣ କରିଥିଲେ। ଗ୍ରାମବାସୀ ଶବ ସତ୍କାର ପାଇଁ ଅଡି ବସିଥିଲେ। ଶବ ସତ୍କାର ପାଇଁ ଅର୍ଥ ନ ଶେଷରେ ଏକ ରିକ୍ସା ଯୋଗେ ଗାଁ ମଶାଣିରୁ ମରଶରୀରକୁ ଦୀର୍ଘ ପ୍ରାୟ ୩ କି.ମି. ଦୂର ସ୍ୱର୍ଣ୍ଣଚୂଡ଼ ପାହାଡ଼ ମୂଳରେ ପୁଅର ମରଶରୀରକୁ ପୋତି ଦିଆଗଲା। ଅନ୍ୟପକ୍ଷରେ ପଲିଥିନ ତଳେ ରହୁଥିବା ନିରାଶ୍ରୟା ମା' କମଳିନୀ ରଣା ଏବେ ଭାଗ୍ୟକୁ ଆଦରି ପଡିରହିଛନ୍ତି।

# ଜନଶୁଣାଣିରେ କେନ୍ଦ୍ରମନ୍ତ୍ରୀ, ବିଧାୟକ

ଔପଦା, ୭।୩(ଡି.ଏନ.ଏ.)

**ଘୁଞ୍ଚିଲା ପକ୍କାଗୃହ ବଣ୍ଟନ**

ବାଲେଶ୍ୱର ଜିଲା ଔପଦା ବ୍ଲକ ପରିସରରେ ସରକାରୀ ପକ୍କା ଗୃହ ଆବଣ୍ଟନ କାର୍ଯ୍ୟକ୍ରମ ପୂର୍ବରୁ ନିର୍ଦ୍ଧାରିତ ଥିଲେ ହେଁ ଶେଷ ମୁହୂର୍ତ୍ତରେ ସ୍ଥଗିତ ହୋଇଥିଲା। କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ସ୍ଥାନୀୟ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ପ୍ରାୟ ୧ହଜାରରୁ ଊର୍ଦ୍ଧ୍ୱ ଦରଖାସ୍ତ ଗ୍ରହଣ କରି ଅଭିଯୋଗର ଶୁଣାଣି କରିଥିଲେ। ସରକାରୀ ପକ୍କା ଗୃହ ଚୟନ, ଆବଣ୍ଟନ ଓ ଭତ୍ତା ଚୟନରେ ବହୁ ଅନିୟମିତତା ଓ ପ୍ରିୟାପ୍ରୀତି ତୋଷଣ ହୋଇଥିବା କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ କହିବା ସହ ସେଗୁଡ଼ିକର ବିଧିବଦ୍ଧ ତଦନ୍ତ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପୂର୍ବାହ୍ନ ୧୧ଟା ବେଳକୁ ଔପଦା ବ୍ଲକ ପରିସର ବେଶ ଗହଳି ହୋଇଥିଲା। ବିଧାୟକ ଇଂ. ନାୟକ ବ୍ଲକ ସମ୍ମିଳନୀ କକ୍ଷରେ ଉପସ୍ଥିତ ରହି ଲୋକଙ୍କଠାରୁ ଆବେଦନପତ୍ର ଗ୍ରହଣ କରିଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରାୟ ଅପରାହ୍ନ ୧ଟାରେ ପହଞ୍ଚିବା ପରେ ଅଭିଯୋଗର ଶୁଣାଣି କରିଥିଲେ। ନୂଆ କରି ଔପଦା ବିଡ଼ିଓ ଭାବେ ଯୋଗଦେଇ ସନ୍ତୋଷ କୁମାର ପତି ଉପସ୍ଥିତ ରହି କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଅନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଔପଦାରେ ବୃଦ୍ଧି ପାଉଥିବା ଚୋରା ମଦ କାରବାରକୁ ରୋକିବା ଲାଗି ମହିଳାମାନେ କେନ୍ଦ୍ରମନ୍ତ୍ରୀଙ୍କୁ ନିବେଦନ କରିଥିଲେ।


କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଓ ବିଧାୟକ ସୁକାନ୍ତ ନାୟକ ଅଭିଯୋଗ ଶୁଣୁଛନ୍ତି।

# ପଶ୍ଚିମବଙ୍ଗକୁ ଚାଲାଣ ବେଳେ ୨ ଧାନ ବୋଝେଇ ଗାଡି ଜବତ

ଜଳେଶ୍ୱର, ୭।୩(ସ୍ୱ.ପ୍ର)

ଶୁକ୍ରବାର ସନ୍ଧ୍ୟାରେ ବାଲେଶ୍ୱର ଉପଜିଲାପାଳ ନିଲୁ ମହାପାତ୍ର ଭୋଗରାଇରୁ ଫେରୁଥିବା ବେଳେ ଜଳେଶ୍ୱର ବ୍ଲକ ସୁଗୋଠାରେ ୨ଟି ଯାନରେ ଧାନ ଭର୍ତ୍ତି ହୋଇ ପଶ୍ଚିମବଙ୍ଗକୁ ଚାଲାଣ ହେଉଥିବା ଦେଖିଥିଲେ। ଫଳରେ ୨ଟି ଯାନରେ ଥିବା ୬୬ କୁଇଣ୍ଟାଲ ୬୦କି.ଗ୍ରା. ଧାନ ସହିତ ଏକ ଟ୍ରାକ୍ଟର (ନଂ. ଓଆର୍‌୦୧ଏ-୭୬୧୨) ଓ ପିକ୍‌ଅପ୍ (ନଂ. ଓଡ଼ି୦୧କ୍ୟୁ-୨୪୫୭) ଜବତ ହୋଇଛି। ଟ୍ରାକ୍ଟର ଓ ପିକ୍‌ଅପ୍‌ରେ ଏହି ଧାନ ଯାଉଥିବା ବେଳେ ଗାଡ଼ିଗୁଡ଼ିକ ନାମ୍ପୋ ଫାଣ୍ଡିରେ ଅଟକ ରଖାଯାଇଛି। ଏହି ୨ଟି ଗାଡ଼ି ଧାନର ଦାବିଦାର କେହି ନାହାନ୍ତି। ଉପଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ବାଲେଶ୍ୱରର ଏସିଏସ୍‌ଓ ଅନାଦି ଚରଣ ସେଠୀ, ଜଳେଶ୍ୱର ପୌରାଞ୍ଚଳ ଏସିଏସ୍‌ଓ ପ୍ରଫୁଲ୍ଲ କୁମାର ନାୟକ, ନୀଳଗିରିର ଇନିସ୍‌ପେକ୍ଟର ସୁଶୀଲ ଜେନା, ଜଳେଶ୍ୱରର ଏମ୍‌ଆଇ ସାଗରିକା ରାଉତରାୟ ଧାନ ସବୁ ଜ୍ୟୋତଜଙ୍ଗମ ସମବାୟ ସମିତିରେ ଜମା ରଖିଛନ୍ତି।

**PARADIP PORT TRUST**
**e-TENDER CALL NOTICE**
Name of the work **"Construction of Sump for Storage of treated Water including Providing & Laying of Pipe Line from STP-I to Fire Station near Gate no.4"**. EMD cost Rs.**1,27,017/-**. Last date and time of submission of Bid **25.03.2020 at 17.15Hrs**. For details please refer our website **https://eprocure.gov.in/eprocure/aap**
Executive Engineer
Harbour Works Division-III
PPT/PR/702/19-20 Dt.06.03.2020

# କ୍ଲଷ୍ଟରସ୍ତରୀୟ ଗଣିତ ମେଳା

ଧାମନଗର,୭।୩(ଡି.ଏନ.ଏ.)

ଧାମନଗର ବ୍ଲକ ବାହାରବିଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର କ୍ଲଷ୍ଟରସ୍ତରୀୟ ଗଣିତ ମେଳା ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ୟୁଥ ଆଣ୍ଡ୍ ଇକୋ କ୍ଲବର କାର୍ଯ୍ୟଧାରା ଅନୁଯାୟୀ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ସାମଗ୍ରୀ ଓ ପନିପରିବା ଦୋକାନ ଦିଆଯାଇଥିଲା। ନିଜ ବାଡ଼ିରେ ଅମଳ ହେଉଥିବା ପନିପରିବା ଏବଂ ବହିଖାତା, ଚକୋଲେଟ ସମେତ ବିଭିନ୍ନ ସାମଗ୍ରୀକୁ ଏକ ମେଳା ଜରିଆରେ ପିଲାମାନଙ୍କ ଦ୍ୱାରା ବିକ୍ରି କରାଯାଇଥିଲା। ପିଲାମାନେ ଓଜନ କରି ବିକ୍ରି କରିବା, ଦାମ୍ ହିସାବ କରି ଟଙ୍କା ଫେରାଇବା ଓ ବିକ୍ରି ପରେ ଲାଭକ୍ଷତିର ହିସାବ କରିବା ପାଇଁ ଦିଆଯାଇଥିଲା। ଏହାଦ୍ୱାରା ଗଣିତ ପ୍ରୟୋଗ ସହଜ ହୋଇଥାଏ। ସେହିପରି ୧ମରୁ ୮ମ ଶ୍ରେଣୀରୁ ଦୁଇଜଣ ଲେଖାଏ ପିଲାଙ୍କୁ ନେଇ ଏକ କମିଟି ଗଠନ କରାଯାଇ ଆଗାମୀ ଦିନରେ ମେଳା ଓ ପ୍ରତିଯୋଗିତା କାର୍ଯ୍ୟକ୍ରମ ଆୟୋଜନ କରିବା ଉପରେ ମୁଖ୍ୟଅତିଥି ଧୃଷୁରୀ କ୍ଲଷ୍ଟର ସିଆର୍‌ସିସି ତୃପ୍ତିରଞ୍ଜନ ବିଶ୍ୱାଳ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ଗାହାଣ। ଶିକ୍ଷୟିତ୍ରୀ ରାଜଶ୍ରୀ ବାରିକ, ସୌଭାଗ୍ୟଲକ୍ଷ୍ମୀ ଜେନା, ସ୍ନିଗ୍ଧପ୍ରଭା ତରାଇ ଓ ମିନାକ୍ଷୀ ସୂତାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରିଚାଳନା କମିଟି ସଭାପତି ଅକ୍ଷୟ ମାଝୀ, ସଭ୍ୟ ଗୋପାଳ ଚନ୍ଦ୍ର ବାରିକ, ୱାର୍ଡମେମ୍ବର ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ୧୨ରେ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ପଦ୍ମପୁର,୭।୩(ଡି.ଏନ.ଏ.)

ବାସୁଦେବପୁର ବ୍ଲକ ବିରସ ପଞ୍ଚାୟତର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ପ୍ରଣବ ବେହେରା, ସାମାଜିକ ଶିକ୍ଷା ସଙ୍ଗଠକ ସୁବାସ ଚନ୍ଦ୍ର ନାୟକ, ସରପଞ୍ଚ ଦୟାନିଧି ଦାସ, କମଳାକାନ୍ତ ବାରିକ, ସରପଞ୍ଚଙ୍କ ପ୍ରତିନିଧି ଅରବିନ୍ଦ ମିଶ୍ର, ସରପଞ୍ଚ ସବିତା ମହାନ୍ତି, ସମିତିସଭ୍ୟାଙ୍କ ପ୍ରତିନିଧି ସୂର୍ଯ୍ୟକାନ୍ତ ମହାନ୍ତି, ସମିତିସଭ୍ୟ ସତ୍ୟରଞ୍ଜନ କୁଅଁର, ସରପଞ୍ଚଙ୍କ ପ୍ରତିନିଧି ତପନ ଭୁଇଁ, ସହ ଗୋଷ୍ଠୀ ଶିକ୍ଷାଧିକାରୀ କାଳୀପଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୧୨ରେ ହେବାକୁ ଥିବା ଏହି ଶିବିରରେ ୧୩ ପଞ୍ଚାୟତର ୧ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ଭିନ୍ନକ୍ଷମଙ୍କୁ ଚିହ୍ନଟ ଓ ଡାକ୍ତରୀ ପରୀକ୍ଷା ସହ ପ୍ରମାଣପତ୍ର ପ୍ରଦାନ କରାଯିବ। ଶିବିର ପରିଚାଳନା ପାଇଁ କମିଟି ଗଠନ ହୋଇ ଦାୟିତ୍ୱ ବଣ୍ଟନ କରାଯାଇଛି।

# 'ନାରୀ-ପୁରୁଷ ମଧ୍ୟରେ ଭେଦଭାବ ନ ରହୁ'

ବାଲେଶ୍ୱର ଅଫିସ, ୭।୩


ମହିଳା ଦିବସ ପାଳନ ଅବସରରେ ଉପସ୍ଥିତ ଅଧ୍ୟାପିକା, ଅଧ୍ୟାପକ।

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ଜୈବ ପ୍ରଯୁକ୍ତି ବିଦ୍ୟା ଓ ଜୀବବିଜ୍ଞାନ ବିଭାଗରେ ଶନିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ହୋଇଛି। ବିଭାଗୀୟ ମୁଖ୍ୟ ଡ. ବିଷ୍ଣୁ ପ୍ରସାଦ ଦାଶ ଦିବସକୁ ଉଦ୍‌ଘାଟନ କରି ନାରୀ ବିନା ସଂସାର ଅସ୍ତିତ୍ୱ ଅସମ୍ଭବ। ନାରୀ-ପୁରୁଷ ମଧ୍ୟରେ ଥିବା ତାରତମ୍ୟକୁ ପ୍ରତ୍ୟେକ ଶିକ୍ଷିତ ବ୍ୟକ୍ତିମାନେ ବ୍ୟକ୍ତିଗତ ସ୍ତରରେ ଦୂର କରିବା ନିମନ୍ତେ ଉଦ୍ୟମ କରିବା ଉଚିତ୍ ବୋଲି କହିଥିଲେ।

ଅଧ୍ୟାପିକା ଡ. ଶୁଭଶ୍ରୀ ମହାଳିକ ଯୋଗଦେଇ ନାରୀ ସଶକ୍ତିକରଣ ଉପରେ ଆଲୋକପାତ କରିବା ସହ ବ୍ୟକ୍ତିଗତ ଜୀବନରେ ନିଜେ କିପରି ତାଙ୍କର ପିତାଙ୍କ ଦ୍ୱାରା ଆଜି ସଫଳ ହୋଇଛନ୍ତି ତାହା ଉପସ୍ଥାପନା କରିଥିଲେ। ଉଦ୍ଭିଦ ବିଜ୍ଞାନ ଅଧ୍ୟାପିକା ଡ. ଅର୍ପିତା ବାନାର୍ଜୀ 'ସଫଳ ନାରୀ ପଛରେ ସଫଳ ପୁରୁଷ'ର ଭୂମିକା ଉପରେ ବିଭିନ୍ନ ଉଦାହରଣ ମାଧ୍ୟମରେ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. କମ୍ବସ୍କ କୁମାର ବେହେରା, ପ୍ରାଣୀ ବିଜ୍ଞାନ ପ୍ରାଧ୍ୟାପକ ଡ. ଭାସ୍କର ବେହେରା, ଅନ୍ୟତମ ଅଧ୍ୟାପକ ଡ. ମନୋଜିତ ଭଟ୍ଟାଚାର୍ଯ୍ୟ, ଡ. ନୀଳାଦ୍ରି ଭୂଷଣ କର ତୃଣମୂଳସ୍ତରରେ ନାରୀ ଶିକ୍ଷାର ବିକାଶ ନିମନ୍ତେ ସମସ୍ତେ ଉଦ୍ୟମ କରିବା ଉଚିତ୍ ବୋଲି କହିଥିଲେ। ବିଭାଗର ପ୍ରାଧ୍ୟାପିକା ଡ. ପୁନମ କୁମାରୀ ଜନନୀ ଜନ୍ମଭୂମି ଓ ନାରୀ କିପରି ପରସ୍ପର ସହ ଜଡ଼ିତ ତାହା ଉପରେ ବକ୍ତବ୍ୟ ରଖିଥିଲେ। ଶେରି ଏନ୍ ଫିକର, ଶୁଭଲକ୍ଷ୍ମୀ ସାହୁ, ଦୀକ୍ଷା ମହାପାତ୍ର ନିଜ ନିଜର କବିତା ପାଠ କରିଥିଲେ। ବିଭାଗର ଛାତ୍ରୀଛାତ୍ର ଶ୍ରଦ୍ଧାଞ୍ଜଳି ସ୍ୱାଇଁ, ସୋମାଲି ଦାସ, ଏ. ସାଇ ରାଜେଶ, ଦେବାଶ୍ରିତା ମିତ୍ର, ନେତାଜୀ ତାପସ କୁମାର ସାହୁ, ଆନନ୍ଦ କୁମାର ସି ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଶେଷରେ ବିଜ୍ଞାନ କ୍ଷେତ୍ରରେ ମହିଳାମାନଙ୍କର ଅବଦାନ ସମ୍ପର୍କିତ ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା।

# ସହକାରୀ ଆର୍‌ଆଇଙ୍କୁ ଆକ୍ରମଣ: ୪ ଗିରଫ

ସଜନାଗଡ଼, ୭।୩(ଡି.ଏନ.ଏ.)

ନୀଳଗିରି ତହସିଲ ବେଗୁନିଆ ପଞ୍ଚାୟତ ଅଧୀନ ଡୁମଗଣ୍ଡିରା ଗ୍ରାମରୁ ଦିନରାତି ବାଲି ଚୋରା ଚାଲାଣ ହେଉଥିବା ଅଭିଯୋଗ ହେବା ପରେ ୬ ତାରିଖ ମଧ୍ୟାହ୍ନରେ ମିତ୍ରପୁର ସହକାରୀ ରାଜସ୍ୱ ନିରୀକ୍ଷକ ମୁକ୍ତିକାନ୍ତ ପ୍ରଧାନ ଉକ୍ତ ଗ୍ରାମରେ ପହଞ୍ଚିଥିଲେ। ୩ଟି ଟ୍ରାକ୍ଟର ବାଲି ବୋଝେଇ କରୁଥିବା ସେ ଦେଖି ବାରଣ କରିଥିଲେ। ସହକାରୀ ଆର୍‌ଆଇ ନିଜ ମୋବାଇଲରେ ଟ୍ରାକ୍ଟରଗୁଡ଼ିକର ଫଟୋ ଉଠାଇ ଫେରୁଥିବାବେଳେ ଅଧା ରାସ୍ତାରେ ୭ଜଣ ଯୁବକ ତାଙ୍କୁ ଅଟକାଇ ଗାଳିଗୁଲଜ କରିବା ସହ ଟଣାଓଟରା କରିଥିଲେ। ଏପରିକି ତାଙ୍କ ମୋବାଇଲକୁ ଛଡ଼ାଇ ନେଇ ଉଠାଇଥିବା ସମସ୍ତ ଫଟୋକୁ ଡିଲିଟ୍ କରିଥିଲେ। ଉକ୍ତ ଯୁବକମାନେ ପ୍ରଧାନଙ୍କ ତଣ୍ଟିକୁ ଚିପିବା ସହିତ ଏକ ବେଲଚାରେ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ଆକ୍ରମଣ କରିଥିଲେ। ଏନେଇ ସେ ନୀଳଗିରି ଥାନାରେ ଅଭିଯୋଗ ହୋଇଛି। ଥାନାରେ ଏକ ମାମଲା (ନଂ. ୭୫/୨୦) ରୁଜୁ ହୋଇଛି। ପୋଲିସ ଡୁମଗଣ୍ଡିରା ଗ୍ରାମର ମଳୟ ବେହେରା, ସନାତନ ଦାସ, ସୁଶାନ୍ତ ଦାସ, ଅଜୟ ଦାସ, ରତ୍ନାକର ଭୂୟାଁ, ଉତ୍ତମ କୁମାର ଭୂୟାଁ, ଅଜୟ କୁମାର ପାତ୍ରଙ୍କ ନାମରେ ମାମଲା ରୁଜୁ କରିଛି। ଏମାନଙ୍କ ମଧ୍ୟରୁ ପୋଲିସ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

**OFFICE OF THE REGULATED MARKET COMMITTEE, CHAMPUA**
**TENDER CALL NOTICE**
**No.626 / RMC** **Dated:06.02.2020**
The Sub-Collector, Champua-cum-Chairman, RMC Champua invites percentage rate bids for the work in the table below from the eligible 'D' & 'C' Class Contractors registered with Govt. of Odisha or equivalent class of Govt. of India / C.P.W.D. /central undertaking / Railway / M.E.S. in conformity with Detail Tender Call Notice to be eventually drawn in P.W.D. P1 form so as to be received up to 5.00 P.M. on dt.25.03.2020 in the Office of the RMC Champua, At-Champua, Po-Champua, Dist.-Keonjhar (Odisha) Pin-758041 through Registered / Speed Post only.
**SCHEDULED OF WORKS**

| Sl. No. | Name of work | Approximate value of work (in Rs.) | E.M.D. @1% (Rs.) appx. | Cost of bid document (Rs.) | Period of completion |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1. | Construction of Guard wall & Step in front of cover Pindi at Barbil Market Yard, under R.M.C., Champua. | 3,26,991.00 | 3270/- | 2000/- | 02 (Two) Months |

The detailed bid documents can be obtained from Office of the RMC Champua from dt.11.03.2020 to dt.25.03.2020 during office hours of any working day on payment of paper cost (non-refundable). The bid will be opened on dt.27.03.2020 at 11.30 A.M. at Office of the RMC, Champua, At-Champua, Po.-Champua, Dist.-Keonjhar (Odisha) in presence of the tenderer/ authorized agents if any. The RMC will not be held responsible for any postal delay. The Authority reserves the right to reject any or all the tenders without assigning any reason thereof.
**Sd./- Sub-Collector, Champua-cum- Chairman, RMC, Champua**

**ପୂର୍ବ ତଟ ରେଳପଥ**
**(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-28-19**
**କାର୍ଯ୍ୟର ବିବରଣୀ:** ଦୁଇ ବର୍ଷ ନିମନ୍ତେ ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର ସ୍ଥିତ ରେଳବାଇ କଲୋନୀ ଠାରେ ବିଦ୍ୟୁତ ଏବଂ ଜଳ ଯୋଗାଣ ବ୍ୟବସ୍ଥା, ସର୍ଭିସ୍ ବିଲ୍ଡିଙ୍ଗ, ଷ୍ଟାଫ୍ କ୍ୱାର୍ଟର (ଟାଇପ୍-I,II,III,IV,V), ସଡ଼କ ଆଲୋକ, ସେଣ୍ଟ୍ରାଲ ହସ୍ପିଟାଲ, ସ୍କ୍ରାପ୍ ୟାର୍ଡ଼/ଜେନେରାଲ ଷ୍ଟୋର ଡିପୋ, ରେଳବାଇ ଷ୍ଟାଡ଼ିୟମ୍‌ରେ ଇଲେକ୍ଟ୍ରିକାଲ ସିଷ୍ଟମ୍ ର ବିବିଧ ରକ୍ଷଣାବେକ୍ଷଣ କାର୍ଯ୍ୟକଳାପ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 2,05,44,104.49,** EMD (ଟଙ୍କାରେ): 2,52,700/-, ଟେଣ୍ଡର କାଗଜପତ୍ରର ମୂଲ୍ୟ (ଟଙ୍କାରେ): 11,800/-, ଶେଷ ହେବା ଅବଧି : 24 ମାସ ।
**(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-27-19**
**କାର୍ଯ୍ୟର ବିବରଣୀ:** ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ସିନିୟର ସେକ୍ସନ ଇଲେକ୍ଟ୍ରିକାଲ ଇଂଜିନିୟର/ପୁରୀ ଅଧୀନସ୍ଥ ପୁରୀ-କଣାସ ସେକ୍ସନ ଏବଂ ସିନିୟର ସେକ୍ସନ ଇଲେକ୍ଟ୍ରିକାଲ ଇଂଜିନିୟର/ଭୁବନେଶ୍ୱର ଅଧୀନସ୍ଥ ଭୁବନେଶ୍ୱର-ରାଜଆଠଗଡ଼-ରେଡଙ୍ଗ ସେକ୍ସନ ଏବଂ ସିନିୟର ସେକ୍ସନ ଇଲେକ୍ଟ୍ରିକାଲ ଇଂଜିନିୟର/ଖୋର୍ଦ୍ଧା ରୋଡ୍ ଅଧୀନସ୍ଥ ଖୋର୍ଦ୍ଧା ରୋଡ୍-ଗଙ୍ଗାଧରପୁର-ମୋଟାରୀ-ନୟାଗଡ଼ ଟାଉନ୍ ସେକ୍ସନର ଇଲେକ୍ଟ୍ରିକାଲ ଜେନେରାଲ କାର୍ଯ୍ୟଗୁଡ଼ିକ ନିମନ୍ତେ ବିବିଧ ରକ୍ଷଣାବେକ୍ଷଣ ଚୁକ୍ତି ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 8,63,31,419.14,** EMD (ଟଙ୍କାରେ): 5,81,700/-, ଟେଣ୍ଡର କାଗଜପତ୍ରର ମୂଲ୍ୟ (ଟଙ୍କାରେ): 11,800/-, ଶେଷ ହେବା ଅବଧି : 24 ମାସ ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ଉଭୟ ଟେଣ୍ଡର ନିମନ୍ତେ):** ତା.30.03.2020 ରିଖ 1500 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର କାଗଜପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ(ଜେନେରାଲ)/ ଖୋର୍ଦ୍ଧା ରୋଡ୍
PR-766/K/19-20

## ସଂକ୍ଷେପରେ

### ସାମର୍ଥ୍ୟ ଶିବିରରେ ୪୩୯ ଦିବ୍ୟାଙ୍ଗଙ୍କ ପରୀକ୍ଷା

**ବନ୍ତ, ୭।୩(ସ୍ୱ.ପ୍ର./ଡି.ଏନ.ଏ.):** ବନ୍ତ ବ୍ଲକ ଆଗରପଡ଼ାସ୍ଥିତ କୃଷ୍ଣଚରଣ ବିଦ୍ୟାମନ୍ଦିର ପରିସରରେ ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧୀନ ୧୨ ପଞ୍ଚାୟତରୁ ଆସିଥିବା ୪୩୯ ଦିବ୍ୟାଙ୍ଗଙ୍କୁ ଅନ୍‌ଲାଇନ ପ୍ରମାଣପତ୍ର ପାଇଁ ପଞ୍ଜୀକୃତ କରାଯାଇ ଡାକ୍ତରୀ ପରୀକ୍ଷା କରାଯାଇଥିଲା। ଦୃଷ୍ଟିବାଧିତ, ଶ୍ରବଣବାଧିତ, ଚଳନଗତ ଅକ୍ଷମତା, ମାନସିକ ଅସୁସ୍ଥତା, ସ୍ନାୟୁଜନିତ ବାଧିତ, ବିଶେଷ ଉପକରଣ ନିମନ୍ତେ ଆକଳନ ଆଦି ବିଭିନ୍ନ ବିଭାଗରେ ରୋଗୀଙ୍କ ଡାକ୍ତରୀ ପରୀକ୍ଷା କରାଯାଇଥିଲା। ଆୟୋଜିତ ସଚେତନତା ସଭାରେ ଜିଲାପରିଷଦ ସଭ୍ୟ ପ୍ରଶାନ୍ତ ଦାଶ ସଭାପତିତ୍ୱ କରିଥିଲେ। ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଅଧକ୍ଷ ଦେବେନ୍ଦ୍ର ଜେନା, ବିଡିଓ ରେବେକା ବିଲୁଙ୍ଗ, ଏମ୍‌ପି ପ୍ରତିନିଧି ଶ୍ରୀନାଥ ମହାନ୍ତି, ବିଜେଡି ବ୍ଲକ ସଭାପତି କମଳାକାନ୍ତ ସାହୁ, ବଡ଼ମହିଷଗୋଠ ସରପଞ୍ଚ କ୍ରିଷ୍ଣା ମହାନ୍ତି ଅତିଥି ଭାବେ ଯୋଗ ଦେଇଥିଲେ। ସାମାଜିକ ସୁରକ୍ଷା ବିଭାଗ ଦାୟିତ୍ୱରେ ଥିବା ଅଧିକାରୀ ଜମାଦାର ମୁଣ୍ଡା, ନିଶାକର ଖୁଣ୍ଟିଆ, ପ୍ରକାଶ ବିଶ୍ୱାଳ, ବିଷ୍ଣୁ ସାହୁ, ଜଇନୁଲ ଆବେଦିନ୍, ପ୍ରଧାନଶିକ୍ଷକ ଶରତ ଜେନାଙ୍କ ସମେତ ସମସ୍ତ ବ୍ଲକ ଅଧିକାରୀ ଓ କର୍ମଚାରୀ ଶିବିର ପରିଚାଳନାରେ ସହାୟତା କରିଥିଲେ।

### ବିଦାୟକାଳୀନ ସମ୍ବର୍ଦ୍ଧନା

**ଭଦ୍ରକ ଅଫିସ, ୭।୩:** ଚାନ୍ଦବାଲି ବିଡିଓ ଶ୍ୟାମସୁନ୍ଦର ଟୁଡୁଙ୍କ ଅନ୍ୟତ୍ର ବଦଳି ହୋଇଛି। ଏହି ପରିପ୍ରେକ୍ଷୀରେ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବ୍ଲକ କାର୍ଯ୍ୟାଳୟ ପରିସରରେ ସହକାରୀ ନିର୍ବାହୀଯନ୍ତ୍ରୀ ଲଳିତ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସମସ୍ତ କାର୍ଯ୍ୟକର୍ତ୍ତା ତାଙ୍କ ବଦଳିକୁ ନେଇ ଭାବବିହ୍ୱଳ ହୋଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଅତିରିକ୍ତ ବିଡିଓ ସତ୍ୟନାରାୟଣ ସେଠୀ, ଯନ୍ତ୍ରୀ ପ୍ରଭାତ କୁମାର ବେହେରା, ଅମିୟ କୁମାର ପଲେଇ, ଧନଞ୍ଜୟ ମହାପାତ୍ର, ଯଦୁ ଟୁଡୁ, ରାଜେନ୍ଦ୍ର ପ୍ରସାଦ ଦାସ, ରମେଶ ଚନ୍ଦ୍ର ନାୟକ, ବିବେକାନନ୍ଦ ମହାନ୍ତି, ପୁରୁଷୋତ୍ତମ ବାରିକ, ପ୍ରଶାନ୍ତ ସାହୁ, ଷ୍ଟାଲିନ୍ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସରିଲା ମୁନ୍‌ସୀ ମେଳଣ

**ଭଣ୍ଡାରିପୋଖରୀ,୭।୩(ଡି.ଏନ.ଏ.)**



ମେଳଣ ଶୋଭାଯାତ୍ରାରେ ବାହାରିଥିବା ସୁସଜ୍ଜିତ ବିମାନ।

ଭଣ୍ଡାରିପୋଖରୀ ଥାନା ପରିସରରେ ଚାଲିଥିବା ମୁନ୍‌ସୀ ମେଳଣ ଶନିବାର ଉଦ୍‌ଯାପିତ ହୋଇଯାଇଛି। ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ରକ୍ଷା କରିବା ପାଇଁ ଏହା ଏକ ଅନନ୍ୟ ମାଧ୍ୟମ ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ମୁନ୍‌ସୀ ମେଳଣ କମିଟି ସଭାପତି ଲକ୍ଷ୍ମୀଧର ନାୟକଙ୍କ ସଂଯୋଜନାରେ ସଭା ଅନୁଷ୍ଠିତ ହୋଇଥିଲା। ବିଧାୟକ ପ୍ରଫୁଲ୍ଲ ସାମଲ, ସୁଧାକର ନନ୍ଦ, ବଦ୍ରିନାରାୟଣ ଧଳ, ସୁବ୍ରତ ଦାସ, ଅତିରିକ୍ତ ଏସ୍‌ପି ବିକାଶ ଦାଶ, ଏସ୍‌ଡିପିଓ ମନୋରଞ୍ଜନ ସାମଲ, ଥାନାଧିକାରୀ ସନାତନ ସାହୁ, ଗୋଲକ ବେହେରା, ସୁଜାତା ଜେନା ପ୍ରମୁଖ ଯୋଗଦେଇ ଅତୀତରେ ଥାନାପୋଡ଼ି ଓ ମୁନସୀ ମେଳଣ ଆୟୋଜନ ଘଟଣା ସମ୍ପର୍କରେ କହିଥିଲେ। ଗୁରୁବାର ରାତିରେ ଗାୟିକା ଲିପ୍‌ସା ମହାପାତ୍ର, କୁଲଦୀପ ଓ କମେଡ଼ି ଉପସ୍ଥାପକ ଗୋପୀ ଡିଙ୍ଗ୍‌ଡଙ୍ଗ ଏବଂ ଶୁକ୍ରବାର ସନ୍ଧ୍ୟାରେ କମେଡି କିଙ୍ଗ୍ ପପୁ ପମ୍‌ପମ୍, ଜେମ୍‌ସ, ପ୍ରିୟା କୁମାର ଗୌତମ ମେଲୋଡ଼ି ପରିବେଷଣ କରିଥିଲେ। ମେଳଣ ଉତ୍ସବରେ ଶୁକ୍ରବାର ରାତିରୁ ଶନିବାର ପର୍ଯ୍ୟନ୍ତ ହଜାର ହଜାର ଲୋକଙ୍କ ଗହଳି ଲାଗିରହିଥିଲା। ବାଜା, ବାଡ଼ିଖେଳ, ଡିଜେ ଧ୍ୱନିରେ ବଜାର ଓ ମେଳଣ ପଡ଼ିଆ ପ୍ରକମ୍ପିତ ହୋଇଉଠିଥିଲା। ରାଧାକୃଷ୍ଣ ବସିଥିବା ୫୩ଟି ସୁସଜ୍ଜିତ ବିମାନ ଆଟୋପ ଶୋଭାଯାତ୍ରାରେ ଆସି ଭଣ୍ଡାରିପୋଖରୀ ବଜାର କାଳୀମଣ୍ଡପଠାରେ ପହଞ୍ଚିଥିଲେ। ଥାନାଧିକାରୀ ପ୍ରତ୍ୟେକ ବିମାନ ପାଖକୁ ଯାଇ ଥାନା ପରିସର ମେଳଣ ମଣ୍ଡପକୁ ଆସିବା ପାଇଁ ଆମନ୍ତ୍ରଣ କରିଥିଲେ। ଥାନା ପକ୍ଷରୁ ପ୍ରତ୍ୟେକ ବିମାନ ପାଖରେ ଭୋଗ ଲଗାଯାଇଥିଲା। ମନୋହରପୁର ଗ୍ରାମର ଶ୍ୟାମସୁନ୍ଦରଜୀଉ, ଉତ୍ତରବାଡ଼ର ମୁରଲୀ ମନୋହରଜୀଉ, ହାଟଡିହର ବୃନ୍ଦାବନଜୀଉ, ଉତ୍ତରବାଡ଼ର ଶ୍ୟାମସୁନ୍ଦରଜୀଉ, ଠାକୁରାଣୀସାହି ବାହାଦଲପୁର ରାଧାଶ୍ୟାମଜୀଉ ମେଳଣରେ ସାମିଲ ହୋଇଥିଲେ। ସମସ୍ତ ଠାକୁରଙ୍କ ପାଖରେ ଭୋଗ ଲଗାଯିବା ପରେ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ଅବିର ଖେଳାଯାଇଥିଲା। ଜୀଉମାନଙ୍କୁ ଦକ୍ଷିଣା ପ୍ରଦାନ କରାଯାଇ ମେଳଣ ଉତ୍ସବ ଉଦ୍‌ଯାପିତ ହୋଇଥିଲା। ଅନନ୍ତ ତ୍ରିପାଠୀ, ଲୁଲୁ ପରିଡ଼ା, ବିଜୟ ଶଙ୍କର ମହାନ୍ତି, ପ୍ରଶାନ୍ତ ସାହୁ, ଲଳିତ ରାଉତ, ପ୍ରଭାତ ସାହୁ, ଦୁର୍ଯ୍ୟୋଧନ ଲେଙ୍କା, ଏଏସ୍‌ଆଇ ଗୌରମଣି ସିଂ, ଅନୁରାଗ ମହାନ୍ତି, ପ୍ରତାପ ରାଉତ, ଚିତ୍ତରଞ୍ଜନ ନାୟକ, ଶାନ୍ତିଲତା ସୋରେନ, ମୁନି ଜାରିକା ପ୍ରମୁଖ ପରିଚାଳନା କରିଥିଲେ।

## ରାଧାମାଧବ ଦୋଳ ଉତ୍ସବ

**ତିହିଡ଼ି, ୭।୩ (ଡି.ଏନ.ଏ.)**

ତିହିଡ଼ି ବ୍ଲକ ପାଳିଆବିନ୍ଧା ଡାକ୍ତରସାହି ଗ୍ରାମରେ ଶୁକ୍ରବାର ରାତିରେ ରାଧାମାଧବ ଦୋଳ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବ ଆରମ୍ଭରେ ଦିବ୍ୟାଙ୍ଗ ବେଣୁଧର ଦାସ ଓ ସବିତା ଭାୟାଙ୍କ ଭଜନ ପରିବେଷଣ ଦର୍ଶକଙ୍କ ମନ ମୋହିଥିଲା। ୨ଶହ ବର୍ଷ ଧରି ପାଳିଆବିନ୍ଧା ରାଧାମାଧବ ମନ୍ଦିର ପରିସରରେ ଦୋଳ ଉତ୍ସବ ଅନୁଷ୍ଠିତ ହୋଇଆସୁଛି। ଶୁକ୍ରବାର ରାତିରେ ଆଖପାଖ ଅଞ୍ଚଳରୁ ୩୦ରୁ ଊର୍ଦ୍ଧ୍ୱ ବିମାନ ଶୋଭାଯାତ୍ରାରେ ମେଳଣ ସ୍ଥଳକୁ ଆସିଥିଲେ। ପରେ ବିମାନରେ ଥିବା ରାଧାକୃଷ୍ଣଙ୍କୁ ଶ୍ରଦ୍ଧାଳୁମାନେ ଅବିର ଅର୍ପଣ କରି ପୂଜାର୍ଚ୍ଚନା କରିଥିଲେ। ପୂର୍ବରୁ ସ୍ୱର୍ଗତ ଗଙ୍ଗାଧର ଦାସ ଓ ଡା. ଦେବେନ୍ଦ୍ରନାଥ ଦାସଙ୍କ ତତ୍ତ୍ୱାବଧାନରେ ପାଳିତ ହେଉଥିବା ଏହି ଉତ୍ସବକୁ ଉତ୍ତରାଧିକାରୀମାନେ ସେବାୟତ ରୂପେ ପାଳନ କରିଆସୁଛନ୍ତି। ମେଳଣ ଦେଖିବାକୁ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

## ଟ୍ରାଫିକ୍ ସଚେତନତା ଶୋଭାଯାତ୍ରା

**ପଦ୍ମପୁର, ୭।୩(ଡି.ଏନ.ଏ.)**

ବାସୁଦେବପୁର ବ୍ଲକ ବ୍ରାହ୍ମଣୀଗାଁଠାରେ ଟ୍ରାଫିକ ସଚେତନତା ପାଇଁ 'ରକ୍ଷକ' କାର୍ଯ୍ୟକ୍ରମ ଶନିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ବିଷ୍ଣୁବ୍ରତ ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସରପଞ୍ଚ ହରିହର ଶିଅଳ, ବିଡିଓ ପ୍ରଣବ ବେହେରା, ବିଧାୟକଙ୍କ ପ୍ରତିନିଧି ଅସିତ ଦାସ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ପରିବର୍ତ୍ତିତ ଟ୍ରାଫିକ ନିୟମର ସଚେତନତା ପ୍ଲାକାର୍ଡ ଧରି ଶତାଧିକ ସ୍ୱେଚ୍ଛାସେବୀ ବାଇକ୍ ଶୋଭାଯାତ୍ରାରେ ବ୍ରାହ୍ମଣୀଗାଁ, ଆରୁହା, ନରସିଂହପୁର, ଅରଣ୍ଡୁଆ, ବରଣ୍ଡୁଆ, ବିନାୟକପୁର, ଗୁଆଗଡ଼ିଆ, ଲୁଙ୍ଗା, ଏଡ଼ତାଳ, ସୁଗୋ ଓ ପଦ୍ମପୁର ପଞ୍ଚାୟତ ପରିକ୍ରମା କରିଥିଲେ। ବିଜୁ ଯୁବବାହିନୀର ଜିଲା ସଂଯୋଜକ ରାମନାରାୟଣ ଜେନା, ବ୍ରହ୍ମାନନ୍ଦ ସାହୁ, ଶୁଭଶ୍ରୀ ସାହୁ, ଲିକୁନ ଦଳାଇ, ଅର୍ଜୁନ ମଳିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମହିଳାଙ୍କ ଆଇନ ଅମାନ୍ୟ ଆନ୍ଦୋଳନ



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମହିଳାମାନେ ପ୍ରତିବାଦ କରୁଛନ୍ତି।

**ଭଦ୍ରକ ଅଫିସ, ୭।୩**

ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସିଆଇଟିୟୁ ପକ୍ଷରୁ ମହିଳାମାନେ ଆଇନ ଅମାନ୍ୟ ଆନ୍ଦୋଳନ କରିଥିଲେ। ମହିଳା ଶ୍ରମିକଙ୍କୁ ପୁରୁଷ ଶ୍ରମିକଙ୍କ ପରି ସମାନ ଦରମା ଦିଆ ନ ଯିବା, ସ୍କିମ ଶ୍ରମିକଙ୍କୁ ସ୍ଥାୟୀ ମାନ୍ୟତା ନ ଦେବା, ବେକାର ଯୁବତୀଙ୍କୁ ଚାକିରି ନ ଦେବା, ମହିଳାମାନଙ୍କୁ ସମସ୍ତ ନିର୍ବାଚିତ ସଂସ୍ଥାରେ ୩୩ ପ୍ରତିଶତ ସଂରକ୍ଷଣ ନ ଦେବା, ଶିଶୁ ଓ ମହିଳାମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ବନ୍ଦ ନ କରିବା ଆଦି ସରକାରଙ୍କ ମହିଳା, ଶ୍ରମିକବିରୋଧୀ କାର୍ଯ୍ୟର ପ୍ରତିବାଦ କରି ଏହି ଆନ୍ଦୋଳନ କରାଯାଇଥିଲା। ସେହିପରି ନାଗରିକତ୍ୱ ସଂଶୋଧନ ଆଇନ, ଏନ୍‌ପିଆର୍ ଓ ଏନ୍‌ଆର୍‌ସିକୁ ଲାଗୁ କରା ନ ଯିବାକୁ ଦାବି ହୋଇଛି। ମହିଳାମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସମବେତ ହୋଇଥିଲେ। ସେଠାରେ ଶ୍ରମିକନେତା ଦିବ୍ୟସିଂହ ନାୟକଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ମଳୟ ଭୋଇ, ବିଷ୍ଣୁ ଦାଶ, ବିକାଶ ନାଥ, ରାଧା ଦାସ, ମମତା ଜେନା, ପ୍ରଭାତୀ ଜେନା ପ୍ରମୁଖ ବକ୍ତବ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତି ଅଭିଯୋଗ କରି ପ୍ରତିବାଦ ଜଣାଇଥିଲେ। ଶେଷରେ ଟାଉନ ଥାନା ପୋଲିସ ଦ୍ୱାରା କେତେଜଣ ମହିଳା ଗିରଫ ହୋଇ ଜାମିନରେ ଯାଇଥିଲେ।

# ପଞ୍ଚାୟତ ସ୍ତରରୁ ପ୍ରସ୍ତୁତ ହେବ କୃଷି ଖସଡ଼ା

**ଭଦ୍ରକ ଅଫିସ,୭।୩**



ବୈଠକରେ (ବାମରୁ) ବିଧାୟକ ପ୍ରଫୁଲ୍ଲ ସାମଲ, ସଞ୍ଜୀବ ମଲ୍ଲିକ, ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ଅନ୍ୟ ଅଧିକାରୀମାନେ।

ରାଜ୍ୟ ସରକାରଙ୍କ ଆମ କୃଷି ଯୋଜନା ସମ୍ପର୍କିତ ଜିଲାପରିଷଦର ଏକ ସ୍ୱତନ୍ତ୍ର ବୈଠକ ଶନିବାର ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲାପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ପ୍ରଫୁଲ୍ଲ ସାମଲ, ସଞ୍ଜୀବ ମଲ୍ଲିକ, ଧାମନଗର ବିଧାୟକ ପ୍ରତିନିଧି ଅଶୋକ ପୁହାଣ, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ ଓ ଜିଲାପରିଷଦ ଉପାଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମାଞ୍ଚଳରେ କୃଷି କ୍ଷେତ୍ରରେ ବିନିଯୋଗ ହେଉଥିବା ଚାଷଜମିର ଆକଳନ କରାଯାଇ ସେଥିରେ ହେଉଥିବା ବିଭିନ୍ନ ଫସଲର କିସମକୁ ଅଲଗା ଭାବେ ଆକଳନ କରିବା, କୃଷକମାନେ କିପରି ଗ୍ରାମ୍ୟ ସ୍ତରରେ ବିହନ, ସାର, କୀଟନାଶକ ପାଇପାରିବେ, ଜମିର ମୃତ୍ତିକାକୁ ନେଇ କେଉଁ ଫସଲ ଚାଷ ହୋଇପାରିବ, ମୃତ୍ତିକା ପରୀକ୍ଷଣ, କେତେ ଜମି କେଉଁ ପ୍ରକାରର ଜଳସେଚନ ବନ୍ଦୋବସ୍ତ ମଧ୍ୟରେ ରହିଛି, ଜଳସେଚନ ବ୍ୟବସ୍ଥା ଅନୁଯାୟୀ କେଉଁ ଫସଲ କରାଯାଇପାରିବ, ଜଳନିଧି ଯୋଜନାରେ ବୋର୍‌ୱେଲ, ସେଲୋ ପଏଣ୍ଟ, ଟ୍ୟୁବୱେଲ ଆଦି ବନ୍ଦୋବସ୍ତ, ନଦୀ ଜଳ ଉଠାଇ ଜମିକୁ କିପରି ମଡ଼ା ଯାଇପାରିବ, ବିଜୁ କୃଷକ ଯୋଜନାରେ ହିତାଧିକାରୀଙ୍କୁ ସୁବିଧା ସୁଯୋଗ ଦେବା ସମ୍ପର୍କରେ ଆଲୋଚନା ହୋଇଥିଲା। ମୁଖ୍ୟତଃ ଏସବୁର ଆକଳନ ପଞ୍ଚାୟତ ସ୍ତରରେ କରାଯାଇ ତାହାର ଏକ ଖସଡ଼ା ପଞ୍ଚାୟତ ସମିତିକୁ ପ୍ରଦାନ କରାଯିବ। ପଞ୍ଚାୟତ ସମିତି ସ୍ତରରେ ଆଲୋଚନା ପରେ ଏକ ମାଷ୍ଟରପ୍ଲାନ ଜିଲାସ୍ତରକୁ ଦିଆଯିବ। ଜିଲା ପରିଷଦ ବୈଠକରେ ଏହାକୁ ଅନୁମୋଦନ କରାଯିବା ପରେ ଚୂଡ଼ାନ୍ତ ଖସଡ଼ା ରାଜ୍ୟ ସରକାରଙ୍କୁ ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଜିଲା କୃଷି ବିଭାଗ, ଉଦ୍ୟାନ, ସମବାୟ, ସାଳନ୍ଦୀ ଜଳସେଚନ ଓ ଉଠାଜଳସେଚନ ବିଭାଗର ଅଧିକାରୀମାନେ ବୈଠକରେ ଯୋଗଦେଇଥିଲେ।

## ମୟୂରଭଞ୍ଜ

### ବଦଳିଲେ ବାରିପଦା ଆଇଟିଡିଏ ପିଏ

**ବାରିପଦା ଅଫିସ, ୭।୩:** ବାରିପଦା ଆଇଟିଡିଏ ପିଏ ବିଜନ କୁମାର ଥମ୍ବଙ୍କୁ ବଦଳ କରାଯାଇଛି। ତାଙ୍କ ସ୍ଥାନରେ ବସନ୍ତ କୁମାର ସେଠୀଙ୍କୁ ନିଯୁକ୍ତି ମିଳିଛି। ଜିଲା ପ୍ରଶାସନ ପକ୍ଷରୁ ଚିଠି ନମ୍ବର ୯୪୦,/ ତା୭।୩।୨୦୨୦ରିଖରେ ଦିଆଯାଇଥିବା ନିର୍ଦ୍ଦେଶରେ ଏହା ଦର୍ଶାଯାଇଛି। ବିଜନ ଥମ୍ବ ଏଠାରେ ପିଏ ଥିବା ସହିତ ବାରିପଦା ଉପଜିଲାପାଳ ଦାୟିତ୍ୱରେ ରହି ଆସୁଥିଲେ। ତୁରନ୍ତ ବିଜନ ବସନ୍ତ କୁମାରଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା ପାଇଁ ଚିଠିରେ ମଧ ଉଲ୍ଲେଖ କରାଯାଇଛି। ବସନ୍ତ କୁମାର ଆଇଟିଡ଼ିଏ ପିଏ ସହିତ ବାରିପଦା ଉପଜିଲାପାଳ ଦାୟିତ୍ୱ ତୁଲାଇବେ।

### ବାଇକ୍ ଧକ୍କାରେ ୨ ଗୁରୁତର

**ଚିତ୍ରଡ଼ା, ୭।୩ (ଡି.ଏନ.ଏ):** ମୟୂରଭଞ୍ଜ ଜିଲା ସଦର ଥାନା ଅଧୀନ ଗୁଞ୍ଜୁସାହି ନିକଟରେ ୬୧ ନଂ. ରାଜ୍ୟ ରାଜପଥରେ ଶନିବାର ଅପରାହ୍ନରେ ବାଇକ୍ ଧକ୍କାରେ ୨ ଯୁବକ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ କିଷାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଛନ୍ତି। ଆହତ ଯୁବକ ଦ୍ୱୟ ବାରିପଦା ଭଞ୍ଜପୁରର ସ୍ୱରାଜ ବାରିକ ଓ ସ୍ୱରାଜ ଧୀର ବୋଲି ଜଣାପଡ଼ିଛି। ସେମାନେ ବାଇକ୍‌ରେ ବାରିପଦାରୁ ଜଳେଶ୍ୱର ଅଭିମୁଖେ ଯାଉଥିଲେ। ଅନ୍ୟ ଏକ ବାଇକ୍ ଦ୍ରୁତଗତିରେ ଆସି ସେମାନଙ୍କୁ ଧକ୍କା ଦେଇ ଚାଲି ଯାଇଥିଲା। ଫଳରେ ସେମାନେ ଭାରସାମ୍ୟ ହରାଇ ତଳେ ପଡ଼ିଯାଇଥିଲେ।

### ବଳାତ୍କାର ଅଭିଯୋଗ: ଅଭିଯୁକ୍ତ ଗିରଫ

**କପ୍ତିପଦା,୭।୩(ଡ଼ି.ଏନ୍.ଏ.):** ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ମାଙ୍କଡ଼ପଡ଼ା ଅଞ୍ଚଳରେ ଜଣେ ବିବାହିତା ମହିଳାଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ୍ ଅଭିଯୁକ୍ତଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ ମହିଳା ଜଣଙ୍କ ତାଙ୍କ ସ୍ୱାମୀ ସହିତ ନିଜ ଭଉଣୀ ଘର ଗ୍ରାମକୁ ଜାହିରା ପୂଜା ପାଇଁ ଯାଇଥିଲେ। ରାତିରେ ସ୍ୱାମୀ ଓ ତାଙ୍କର ଜଣେ ସମ୍ପର୍କୀୟ ନିଶାସେବନ କରିଥିଲେ। ସ୍ୱାମୀ ଶୋଇଯିବା ପରେ ସମ୍ପୃକ୍ତ ସମ୍ପର୍କୀୟ ତାଙ୍କୁ ବଳାତ୍କାର କରିଥିଲେ। ଏ ସମ୍ପର୍କରେ କପ୍ତିପଦା ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ ୬୫/୨୦) ରୁଜୁ କରି ଅଭିଯୁକ୍ତ ରାମ ହାଁସଦାଙ୍କୁ ଗିରଫ କରିଛି। ଶନିବାର ପୀଡିତା ଓ ଅଭିଯୁକ୍ତଙ୍କୁ ଡାକ୍ତରୀମାଇନା କରାଯାଇଥିବା ପୋଲିସ କହିଛି।

## ଜୀବନ ସଂଘର୍ଷର କାହାଣୀ

# ହାରିନାହାନ୍ତି ହୀରାମଣି

**ବାରିପଦା ଅଫିସ, ୭।୩**



ହୀରାମଣି ଲୁନା ଚଳାଇ ବଜାରକୁ ବିଭିନ୍ନ ଜିନିଷ ବିକ୍ରି କରିବାକୁ ଆସୁଛନ୍ତି।

ଜୀବନ ଯୁଦ୍ଧରେ ହାର୍ ନ ମାନି ସଂଘର୍ଷ କରି ହୀରାମଣି ଆଜି ଚର୍ଚ୍ଚାକୁ ଆସିଛନ୍ତି। ବିବାହ ପରେ ତାଙ୍କ ସ୍ୱାମୀଙ୍କ ଅକ୍ଷମତା ଅବସ୍ଥା ଦେଖି ଦୀର୍ଘ ୨୦ ବର୍ଷ ତଳେ ମାତ୍ର ଅଳ୍ପ କିଛି ଟଙ୍କାରେ ସେ ପରିବା, ଦାନ୍ତକାଠି, ଶାଳପତ୍ର ଆଦି ଜିନିଷ ବିକିବା ବ୍ୟବସାୟ ଆରମ୍ଭ କରିଥିଲେ। ଲୋକଲଜ୍ଜାକୁ ଭୟ ନ କରି ସେ ଘରୁ ଗୋଡ କାଢି ବାରିପଦା ପରିବା ମାର୍କେଟରେ ବସି ବିକ୍ରିବଟା କରିଥିଲେ। କ୍ରମେ ସାହସ ଜୁଟାଇ ନିଜେ ଲୁନା ଚଳାଇ ସେଥିରେ ପରିବହନ କାର୍ଯ୍ୟ କରି ବ୍ୟବସାୟ ଚଳାଇ ଆସୁଛନ୍ତି। ଏବେ ଦିନକୁ ୭ରୁ ୮ଶହ ଟଙ୍କା ରୋଜଗାର କରି ସେ ନିଜକୁ ସ୍ୱାବଲମ୍ବୀ କରି ପାରିଛନ୍ତି।

ହୀରାମଣିଙ୍କ ଘର ଶ୍ୟାମାଖୁଣ୍ଟା ବ୍ଲକ ଟିକରପଡ଼ା ଗ୍ରାମରେ । ସେ ପ୍ରତିଦିନ ଗ୍ରାମରୁ ସକାଳେ ଲୁନାରେ ଜିନିଷ ଲଦି ୫ କି.ମି. ଦୂର ମାର୍କେଟକୁ ବାହାରି ପଡନ୍ତି। ଅପରାହ୍ନରେ ବଳକା ଜିନିଷ ନେଇ ଓଡ଼ିଆ ମାର୍କେଟକୁ ଯାଇ ବିକ୍ରି କରିଥାନ୍ତି। ଏହାପରେ ବାଲଡ଼ିଆ ମାର୍କେଟକୁ ଯାଇ ପରଦିନ ବିକ୍ରି କରିବା ସକାଶେ ପରିବା ଓ ଅନ୍ୟ ଜିନିଷ ସଂଗ୍ରହ କରିଥାନ୍ତି। ସନ୍ଧ୍ୟାରେ ଘରକୁ ଫେରି ଘର କଥା ବୁଝନ୍ତି। ହୀରାମଣି ପ୍ରଥମେ ଏଭଳି ବ୍ୟବସାୟ ନ କରିବ ସକାଶେ କେତେକ ପଡ଼ୋଶୀ ମନା କରିଥିଲେ। କିନ୍ତୁ ଦୃଢ଼ ଇଚ୍ଛାଶକ୍ତି ବଳରେ ଅଳ୍ପ କିଛି ଟଙ୍କାରେ ସେ ବେପାର ଆରମ୍ଭ କରିଥିଲେ। ଆର୍ଥିକ ଅବସ୍ଥା ସୁଧୁରିବାରୁ ସେ ଲୁନା କିଣି ନିଜେ ଚଳାଇ ଏବେ ନିୟମିତ ମାର୍କେଟ ଯାଉଛନ୍ତି। ସ୍ୱାମୀଙ୍କ ଦେହାନ୍ତ ପରେ ନିଜକୁ ଅସହାୟ ନ ଭାବି ମନୋବଳକୁ ଦୃଢ଼ କରି ନିଜ ସଂସାର ସାଇତିଛନ୍ତି। ଏହାମଧ୍ୟରେ ନିଜ ଝିଅକୁ ବିବାହ ଦେଇ ସାରିଛନ୍ତି। ପୁଅ ଆଇଟିଆଇ ପଢ଼ି ଘରେ ଅଛି। ସବୁଦିନ ଭଳି ସକାଳ ୬ଟାରୁ ସେ ଟିକରପଡ଼ାଠାରୁ ବାହାରି ପରିବା ମାର୍କେଟ ଯାଇ ପସରା ଖୋଲିଦିଅନ୍ତି। ଯିଏ ତାଙ୍କ ପାଖରୁ ଥରେ ଜିନିଷ କିଣିଛି ତାଙ୍କ ବ୍ୟବହାରରେ ଖୁସି ହୋଇ ତାଙ୍କର ସବୁଦିନିଆ ଗ୍ରାହକ ପାଲଟି ଯାଆନ୍ତି।

## ଯୁବକଙ୍କୁ ଅପହରଣ ଅଭିଯୋଗ

**ଉଦଳା, ୭।୩ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଉଦଳା ଅଞ୍ଚଳର ଜଣେ ଯୁବକଙ୍କୁ ଅପହରଣ କରି ନିଆଯାଇଥିବା ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଉଦଳା ପୋଲିସ ଏ ନେଇ ଛାନଭିନ୍ ଆରମ୍ଭ କରିଛି । ଘଟଣାର ତିନି ଦିନ ବିତିଯାଇଥିଲେ ବି ପୋଲିସ ଅପହୃତ ଯୁବକଙ୍କର କୌଣସି ଟେର୍ ପାଇ ନାହିଁ । ଅପହୃତ ଯୁବକ ଉଦଳା ଅଞ୍ଚଳର ଏକ ଘରୋଇ ବିଦ୍ୟାଳୟର ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ ବୋଲି କୁହାଯାଉଛି। ସେ ସ୍ଥାନୀୟ ଏନଏସିର ୧୧ ନଂ ୱାର୍ଡରେ ପରିବାର ସହିତ ରହୁଥିଲେ। ଗତ ୫ ତାରିଖରେ ସେ ବାଲେଶ୍ୱରରୁ ଉଦଳା ବସଷ୍ଟାଣ୍ଡକୁ ଫେରିଥିଲେ । ବସଷ୍ଟାଣ୍ଡରେ ଗୋଟିଏ ଦୋକାନରେ ପହଞ୍ଚି ତାଙ୍କ ବ୍ୟାଗକୁ ଦୋକାନୀକୁ ଦେଇ ଚାଲିଯାଇଥିଲେ । ପରେ ସେ ଆଉ ଘରକୁ ଫେରି ନ ଥିଲେ । ତାଙ୍କୁ ଅପହରଣ କରି ନିଆଯାଇଥିବା ନେଇ ତାଙ୍କ ପତ୍ନୀ ଉଦଳା ଥାନାରେ ଲିଖିତ ଅଭିଯୋଗ କରିଥିବା ପୋଲିସ କହିଛି ।

## ବିଭିନ୍ନ ମହଲରୁ ମମତାଙ୍କୁ ସ୍ୱାଗତ



ବଶୋଇରେ ମମତାଙ୍କୁ ସମ୍ବର୍ଦ୍ଧନା।

**ବାରିପଦା ଅଫିସ/ବିଶୋଇ, ୭।୩ (ଡି.ଏନ.ଏ.)**

ବିଜେଡିରୁ ମମତା ମହାନ୍ତଙ୍କୁ ରାଜ୍ୟସଭା ପ୍ରାର୍ଥୀ ଘୋଷଣା କରାଯିବା ପରେ ଜିଲାର ବିଭିନ୍ନ ମହଲରୁ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଜିଲା ବିଜେଡି ପକ୍ଷରୁ ସନ୍ଧ୍ୟାରେ ବାରିପଦାଠାରେ ତାଙ୍କୁ ଅଭିନନ୍ଦନ ଜଣାଯାଇଥିଲା। ପୂର୍ବତନ ଜିଲା ବିଜେଡ଼ି ସଭାପତି ତଥା କୃଷି ଶିଳ୍ପ ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ଜିଲା ଯୁବ ବିଜେଡ଼ି ସଭାପତି ଜିତେନ୍ଦ୍ର ମହାନ୍ତିଙ୍କ ସମେତ ଏକାଧିକ ନେତା ଓ କର୍ମୀମାନେ ତାଙ୍କୁ ମଧ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ମମତା କୁଡୁମୀ ସମ୍ପ୍ରଦାୟର ହୋଇଥିବାରୁ ରାଜ୍ୟ କୁଡୁମୀ ସେନାର ସଭାପତି ଜୈମୁନୀ କୁମାର ମହାନ୍ତ ମମତାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

ଆମ ବିଶୋଇ ପ୍ରତିନିଧି ଜଣାଇଛନ୍ତି ଯେ, ମମତାଙ୍କ ଘର ବିଶୋଇ ବ୍ଲକର ଏନ.ବି ପୋଖରିଆ ଗ୍ରାମରେ। ତାଙ୍କୁ ରାଜ୍ୟସଭା ପାର୍ଥିନୀ ଭାବେ ଘୋଷଣା କରାଯିବା ପରେ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ମହଲରୁ ତାଙ୍କୁ ସ୍ୱାଗତ କରାଯାଇଛି। ସ୍ଥାନୀୟ ଡାକବଙ୍ଗଳା ଠାରେ ବିଜେଡି ମହିଳା ସମାବେଶ ଓ ଜୀବନ ବିନ୍ଦୁ ନିମନ୍ତେ ପ୍ରସ୍ତୁତି ବୈଠକ ଚାଲିଥିବା ସମୟରେ ଏହି ଖବର ଆସିଥିଲା। ଏହାପରେ ବିଜେଡି କର୍ମୀ ମହଲରେ ଖୁସିର ମାହଲ ଦେଖାଯାଇଥିଲା। ବୈଠକରେ ଉପସ୍ଥିତ ଜିଲା ବିଜେଡି ସଭାପତି କାଶୀନାଥ ହେମ୍ବ୍ରମ, ସାରସକଣା ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ମୁକ୍ତିକାନ୍ତ ମଣ୍ଡଳ, ସରୋଜିନୀ ହେମ୍ବ୍ରମ, ଦେବାଶିଷ ମହାନ୍ତି, ଖଡ଼ମବେଡ଼ା ସରପଞ୍ଚ ଅମର ସିଂ ଟୁଡୁ, ବିଶୋଇ ବ୍ଲକ ଅଧ୍ୟକ୍ଷା ତୁଳସୀ ଶିକ୍ରି ହାଁସଦା, ବିଶୋଇ ବ୍ଲକ ବିଜେଡି ସଭାପତି ଫାଗୁରାମ ମାର୍ଣ୍ଡି ପ୍ରମୁଖ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

## ସୁବର୍ଣ୍ଣ ଜୟନ୍ତୀ ଫଗୁ ଦଶମୀ ଦୋଳଯାତ

# ଉତ୍ସବମୁଖର ଗାଁ

**ଉଦଳା, ୭।୩ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଉଦଳା ବ୍ଲକ ଅଧୀନ ଡିହିରାକୁଳ ଫଗୁ ଦଶମୀ ଦୋଳଯାତ ସୁବର୍ଣ୍ଣ ଜୟନ୍ତୀ ଶନିବାର ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଛି। ଗତ ୫ ତାରିଖରେ ଏହି ଫଗୁ ଦଶମୀ ଦୋଳଯାତ ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ଗ୍ରାମର ଇଷ୍ଟଦେବ ଗୋପୀନାଥ ଦେବ ନାମ ସଂକୀର୍ତ୍ତନ ଶୋଭାଯାତ୍ରାରେ ବାହାରି ଗ୍ରାମ ଭ୍ରମଣ କରି ଦୋଳ ପଡିଆରେ ବିରାଜମାନ କରିଥିଲେ । ଦ୍ୱିତୀୟ ଦିବସରେ ଦୋଳ ମଣ୍ଡପରେ ରାଧାମାଧବଙ୍କୁ ନେଇ ଫଗୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା। କପ୍ତିପଦା ଉପଖଣ୍ଡ ଏବଂ ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡର ବିଭିନ୍ନ ପ୍ରାନ୍ତରୁ ୯୮ ସୁସଜ୍ଜିତ ବିମାନ ଦୋଳ ମଣ୍ଡପକୁ ଆସିଥିଲା। ଏହି ବସନ୍ତ ରାସ ଉତ୍ସବରେ ବହୁ ନାମ ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ। ୩ ଦିନ ଧରି ପାଳିତ ହୋଇଥିବା ୫୦ ବର୍ଷ ପୂର୍ତ୍ତି ଫଗୁ ଦଶମୀ ଉତ୍ସବକୁ ନେଇ ଗ୍ରାମ ପରିବେଶ ଉତ୍ସବମୁଖର ହୋଇ ପଡିଥିଲା। ଦୋଳ କମିଟିର ସଂଯୋଜକ ରମେଶ ଚନ୍ଦ୍ର ପୃଷ୍ଟି, ସଭାପତି ସୋମନାଥ ପୃଷ୍ଟି, ଶିକ୍ଷାବିତ୍ ପ୍ରଫେସର ଗୌରୀଶଙ୍କର ହାତୀ, ଉଦଳା ବିଧାୟକ ଭାସ୍କର ମଢେଇ, ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମର ପ୍ରତିଭାଧାରୀ ଯୁବକ, ବରିଷ୍ଠ ନାଗରିକଙ୍କୁ ମାନପତ୍ର ଏବଂ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା।



ଦୋଳଯାତରେ ନାମ ସଂକୀର୍ତ୍ତନ ପରିବେଷଣ କରାଯାଇଛି।

## ବ୍ଲକସ୍ତରୀୟ ଚାଷୀ ସମାବେଶ

**ଖୁଣ୍ଟା,୭।୩(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ କୁସୁମଘାଟି ଗ୍ରାମରେ ଶନିବାର ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବ୍ଲକସ୍ତରୀୟ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଚାଷୀ ସୁକୁରା ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ସଙ୍ଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅକ୍ଷୟ କୁମାର, ସମ୍ମାନିତ ଅତିଥି ଭାବେ ଜିଲା ସଂଯୋଜକ ପ୍ରାଣବନ୍ଧୁ ପଲେଇ, ଗୋପବନ୍ଧୁନଗର ବ୍ଲକ ସଂଯୋଜକ କମଳାକାନ୍ତ ମହାକୁଡ଼ ଓ ଖୁଣ୍ଟା ବ୍ଲକ ସଂଯୋଜକ ଶକ୍ତିପଦ ପାତ୍ର ଯୋଗ ଦେଇଥିଲେ। ସମାବେଶରେ ବହୁ ଚାଷୀ ଯୋଗଦେଇ ନିଜର ମତ ଉପସ୍ଥାପନ କରିଥିଲେ। ଚାଷୀଙ୍କ ସର୍ବନିମ୍ନ ଦାବି ପ୍ରାଇସ, ପ୍ରେଷ୍ଟିଜ ଓ ପେନ୍‌ସନ ବ୍ୟତୀତ ସେମାନେ ବିଭିନ୍ନ ସମୟରେ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିପାଇଁ ସରକାରଙ୍କ କୃଷି ନୀତିକୁ ଦାୟୀ କରାଯାଇଥିଲା। ଏ ସମ୍ପର୍କରେ ଆସନ୍ତା ମେ'ରେ ଭୁବନେଶ୍ୱରଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ସମାବେଶରେ ବହୁସଂଖ୍ୟାରେ ଯୋଗଦେବାକୁ ରାଷ୍ଟ୍ରୀୟ ଅଧ୍ୟକ୍ଷ ଉପସ୍ଥିତ ଚାଷୀମାନଙ୍କୁ ଆହ୍ୱାନ ଦେଇଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ରବିବାର, ମାର୍ଚ୍ଚ ୮/୨୦୨୦ Balasore, Sunday, March 8/2020

# ତଦନ୍ତ କଲେ ଶିକ୍ଷା ବିଭାଗ ଟିମ୍

**ଉଦଳା, ୭।୩ (ଡି.ଏନ.ଏ.)**

ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟରେ ଶୁକ୍ରବାର ଥିଲା ଯୁକ୍ତ ଦୁଇ ବିଜ୍ଞାନ ବିଭାଗର ଇଂରାଜୀ ପରୀକ୍ଷା । ୭୧ ଜଣ ଛାତ୍ରୀ ପରୀକ୍ଷା ଦେଇଥିଲେ। କିନ୍ତୁ ତ୍ରୁଟିବଶତଃ ୬୯ ଜଣ ଛାତ୍ରୀଙ୍କ ପରୀକ୍ଷା ଖାତା ବୋର୍ଡ ଅଫିସକୁ ପଠାଯାଇଥିଲା । କଲେଜରେ ରହିଯାଇଥିଲା ୨ଜଣ ଛାତ୍ରୀଙ୍କ ପରୀକ୍ଷା ଖାତା । ଏହା ଜଣାପଡିବା ପରେ ହୋଇଥିଲା ବିବାଦ। ଏଥିରେ ଛନ୍ଦି ହୋଇପଡିଥିଲେ ମହିଳା ମହାବିଦ୍ୟାଳୟର କର୍ତ୍ତୃପକ୍ଷ। ଏହି ଘଟଣାର ତଦନ୍ତ ଶନିବାର ଆରମ୍ଭ ହୋଇଛି । ଇନ୍ଦିରାଗାନ୍ଧୀ କଲେଜ ସମେତ ନୋଡାଲ ସେଣ୍ଟର ଉଦଳା କଲେଜରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ଶିକ୍ଷା ବିଭାଗର ଏକ ଟିମ୍।

ମୟୂରଭଞ୍ଜ ଜୋନର ଡେପୁଟି ସେକ୍ରେଟେରୀ ଜୟଦେବ ପ୍ରାମାଣିକଙ୍କ ତତ୍ତ୍ୱାବଧାନରେ ଉକ୍ତ ଟିମ୍ ଘଟଣାର ତଦନ୍ତ କରି ଫେରିଛନ୍ତି। ଉଲ୍ଲେଖନୀୟ ଯେ ଶୁକ୍ରବାର ସନ୍ଧ୍ୟାରେ ୨ଟି ପରୀକ୍ଷା ଖାତା ରହିଯାଇଥିବା ଜଣାପଡିବା ପରେ କଣ୍ଟ୍ରୋଲରଙ୍କ ନିର୍ଦ୍ଦେଶ କ୍ରମେ ଏହି ଖାତାକୁ ନେଇ ନୋଡାଲ ସେଣ୍ଟର ନିଆଯାଇଥିଲା। ତେବେ ଏକ ଏକ ପରିବା ବ୍ୟାଗରେ ଏହାକୁ ନିଆଯିବା ଘଟଣା ଚର୍ଚ୍ଚାକୁ ଆସିଥିଲା। ଶନିବାର ତଦନ୍ତ ଲାଗି ଆସିଥିବା ଟିମ୍ ଦୁଇ ଭାଗ ହୋଇ ଉଦଳା କଲେଜ ଏବଂ ଇନ୍ଦିରାଗାନ୍ଧୀ କଲେଜରେ ତଦନ୍ତ କରିଥିଲେ । ଉଦଳା କଲେଜ ପ୍ରିନ୍ସିପାଲଙ୍କ ସହିତ ଡେପୁଟି ସେକ୍ରେଟେରୀ ମଧ୍ୟ ଆଲୋଚନା କରିଥିଲେ । ସେହିପରି ଇନ୍ଦିରାଗାନ୍ଧୀ କଲେଜରେ ପରୀକ୍ଷା ଉତ୍ତର ଖାତା କେଉଁ ପରିସ୍ଥିତିରେ ରହିଲା ତାହାକୁ ନେଇ ତଦନ୍ତ କରାଯାଇଥିଲା। ଶୁକ୍ରବାର ପରୀକ୍ଷା ସରିବା ପରେ ଖାତା ଗୁଡିକୁ ସିଲ୍ କରାଯିବା ବେଳେ ସେଠାରେ କେହି ଉଚ୍ଚ କର୍ତ୍ତୃପକ୍ଷ ଉପସ୍ଥିତ ନ ଥିଲେ । ଜଣେ ଅଧସ୍ତନ ଅଧିକାରୀ ସୁପରିଟେଣ୍ଡେଣ୍ଟ ଉକ୍ତ ଖାତାଗୁଡିକ ପ୍ୟାକେଟ୍‌ରେ ଭର୍ତ୍ତି କରି ସିଲ୍ କରିବା ସମୟରେ ୨ଟି ଖାତା ଭୁଲ କ୍ରମେ ଟେବୁଲ୍ ଉପରେ ରହିଯାଇଥିଲା । ତଦନ୍ତ ବେଳେ ସିସିଟିଭିକୁ ଯାଞ୍ଚ କରାଯିବାରୁ ଏହା ଜଣାପଡିଲା ବୋଲି ତଦନ୍ତରେ ଆସିଥିବା ଡେପୁଟି ସେକ୍ରେଟେରୀ କହିଛନ୍ତି। ଘଟଣାର ତଦନ୍ତ ସରିବା ପରେ ରିପୋର୍ଟ ବୋର୍ଡ କାର୍ଯ୍ୟାଳୟକୁ ପଠାଯିବ ବୋଲି ସେ କହିଛନ୍ତି। ଏଭଳି ତ୍ରୁଟିରେ ଯାହାର ସଂପୃକ୍ତି ଥବବା ଜଣାପଡିବ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

### ୨ଟି ପରୀକ୍ଷା ଖାତା ବୋର୍ଡ ଅଫିସ୍ ନ ଯାଇପାରିବା ଘଟଣା

- ଉଦଳା କଲେଜ ଏବଂ ଇନ୍ଦିରାଗାନ୍ଧୀ ମହିଳା କଲେଜରେ ଯାଞ୍ଚ
- ସିସିଟିଭି ତନଖି କରାଗଲା, କର୍ତ୍ତୃପକ୍ଷଙ୍କୁ ପଚରାଉଚରା



ଇନ୍ଦିରା ଗାନ୍ଧୀ ମହିଳା କଲେଜରେ ତଦନ୍ତକାରୀ ଦଳ।

## ସଂକ୍ଷେପରେ

### ଇଂରାଜିରେ କପି କରି ଧରା ପଡ଼ିଲେ ୮

**ବାରିପଦା ଅଫିସ, ୭।୩:** ଶନିବାର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ଯୁକ୍ତ ୨ ପରୀକ୍ଷା କଳା ବିଭାଗର ଇଂରାଜୀ ବିଷୟରେ ଉତ୍ତରାଞ୍ଚଳ ଜୋନ୍‌ରେ କପି କରି ୮ ଜଣ ଧରାପଡ଼ିଛନ୍ତି। ଭଦ୍ରକ ଜିଲାରେ ୫, ମୟୂରଭଞ୍ଜ ଜିଲାରେ ୧ ଓ କେନ୍ଦୁଝର ଜିଲାରେ ୨ ଜଣ କପି କରି ଧରା ପଡ଼ି ଏମ୍‌ପି ହୋଇଥିବା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ବାରିପଦା ଉପସଚିବ ଜୟଦେବ ପ୍ରାମାଣିକ ସୂଚନା ଦେଇଛନ୍ତି। ଭଦ୍ରକ ଜିଲାର ଭଣ୍ଡାରିପୋଖରୀ ସ୍ଥିତ ଏକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୨ଜଣ , ଅନ୍ୟ ୩ ପରୀକ୍ଷାକେନ୍ଦ୍ର ମଧ୍ୟରୁ ଗୋଟିକରେ ଜଣେ ଓ ଅନ୍ୟ ଦୁଇଟିରେ ୨ ଜଣ କପି କରି ଧରାପଡ଼ିଛନ୍ତି। ମୟୂରଭ ଜିଲା ଉଦଳା ବ୍ଲକ ଶରତଅଞ୍ଚଳର ଏକ ପରୀକ୍ଷାକେନ୍ଦ୍ରରେ ଜଣେ, କେନ୍ଦୁଝର ଜିଲା ପାଟେଶ୍ୱର ଅଞ୍ଚଳର ଏକ ପରୀକ୍ଷା କେନ୍ଦ୍ରରେ ୨ ଜଣ କପି କରି ଧରାପଡ଼ିଛନ୍ତି।

### କାଠ ବୋଝେଇ ଟାଟାଏସିଇ ଜବତ



**କୁଆମରା, ୭।୩(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଉଦଳା ରେଞ୍ଜ ଅଧୀନ ଜୟପୁର ଛକ ଠାରେ ଶନିବାର ସନ୍ଧ୍ୟାରେ ଚୋରାରେ ନିମ୍ବ ଓ ଶାଗୁଆନ କାଠ ନେଇ ଯାଉଥିବା ନମ୍ବର ବିହୀନ ଏକ ଟାଟା ଏସିକୁ ଉଦଳା ବନବିଭାଗ ଜବତ କରିଛି। ଏହି ଗାଡି ଭିତରେ ମୋଟ ୧୪ ଖଣ୍ଡ ନିମ୍ବ ଓ ୧୭ ଖଣ୍ଡ ଶାଗୁଆନ କାଠଗଣ୍ଡି ରହିଥିଲା । ଉକ୍ତ ଗାଡି ନୀଳଗିରି ବ୍ଲକ ବରହମପୁର ଅଞ୍ଚଳରୁ ଜୟପୁର ଦେଇ ବାଲେଶର ଜିଲାକୁ ଯାଉଥିବା ଉଦଳା ବନବିଭାଗ କୌଣସି ସୂତ୍ରରୁ ଖବର ପାଇ ଚଢଉ କରିଥିଲା। ଡ୍ରାଇଭର ଗାଡି ଛାଡି ଚତୁରତାର ସହ ଖସି ପଳାଇଯାଇଥିଲେ। ଜବତ କାଠର ମୂଲ୍ୟ ପ୍ରାୟ ୭୦ ହଜାର ଟଙ୍କା ହେବ। ଉଦଳା ରେଞ୍ଜର ଅଜୟ କୁମାର ଦାସ, କୁଆମରା ଫରେଷ୍ଟର ଧ୍ରୁବଚରଣ ବସନ୍ତିଆ, ଉଦଳା ଫରେଷ୍ଟର ସୁମିତା କଲିଆ ପ୍ରମୁଖ ଚଢାଉରେ ସାମିଲ ହୋଇଥିଲେ।

### ଅଙ୍ଗନୱାଡି କର୍ମୀଙ୍କ ସୁରକ୍ଷା ପାଇଁ ଦାବିପତ୍ର

**ପଦ୍ମପୁର,୭।୩(ଡି.ଏନ.ଏ.):** ବାସୁଦେବପୁର ବ୍ଲକ ଜଗନ୍ନାଥପ୍ରସାଦ ଅଞ୍ଚଳର ଏକ ଅଙ୍ଗନୱାଡି କେନ୍ଦ୍ରର କର୍ମୀଙ୍କୁ କେତେଜଣ ଗ୍ରାମବାସୀ ଗତ ଶନିବାର ମାଡ଼ ମାରିଥିଲେ। ଏ ନେଇ ଗ୍ରାମର ୯ଜଣଙ୍କ ନାମରେ ନାୟକାଣିଡିହୀ ଥାନାରେ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷେ ଗ୍ରାମର କେତେଜଣ ଅସାମାଜିକ ବ୍ୟକ୍ତି ତାଙ୍କୁ ଧମକ ଦେଇଥିବାରୁ ସେ ଛୁଟିରେ ରହିଛନ୍ତି। ଫଳରେ ୭ଦିନ ହେଲା କେନ୍ଦ୍ର ଖୋଲା ହୋଇପାରୁ ନ ଥିଲା। ଏହାକୁ ନେଇ ଗ୍ରାମର ଅଭିଭାବକମାନେ ଶନିବାର ଅଙ୍ଗନୱାଡି କେନ୍ଦ୍ରକୁ ଚାଲୁ ରଖିବା ସହ କର୍ମୀଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ସିଡିପିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ସିଡିପିଓ ଜାନକୀ ଦାସଙ୍କୁ ପଚାରିବାରୁ ସେ ଉପରିସ୍ଥ ଅଧିକାରୀ ଓ ପୋଲିସ ସହ ଆଲୋଚନା କରିବେ ବୋଲି କହିଛନ୍ତି।

## ଯାତ୍ରୀବାହୀ ବସ୍‌ରେ ନିଆଁ: ଜଣେ ଆହତ



ତିହିଡ଼ି-ନନ୍ଦପୁର ବଜାରରେ ଅଟକି ରହିଛି ବସ୍।

**ତିହିଡ଼ି,୭।୩(ଡି.ଏନ.ଏ.)**

ଭଦ୍ରକ-ଚାନ୍ଦବାଲି ରାସ୍ତାର ତିହିଡ଼ି ଥାନା ଅଧୀନ ନନ୍ଦପୁର ବଜାରରେ ଶନିବାର ଏକ ଯାତ୍ରୀବାହୀ ବସ୍‌ରେ ନିଆଁ ଲାଗିଥିଲା। ବସ୍‌ର ବ୍ୟାଟେରି ଜଳିଯାଇଥିଲା। ଏଥିରେ ଜଣେ ବାଳିକା ଆହତ ହୋଇଥିବାବେଳେ ଗାଡ଼ିର କୌଣସି କ୍ଷତି ଘଟି ନ ଥିବା ସୂଚନା ମିଳିଛି। ବସଟି ମଧ୍ୟାହ୍ନରେ ଚାନ୍ଦବାଲିରୁ ଭଦ୍ରକ ଅଭିମୁଖେ ଯାତ୍ରା କରୁଥିଲା। ନନ୍ଦପୁର ବଜାରରେ ବସ୍‌ରେ ଲାଗିଥିବା ବ୍ୟାଟେରିଜଳି ଧୂଆଁ ଉଠିବାରୁ ଡ୍ରାଇଭର ଗାଡ଼ିକୁ ଅଟକାଇ ଥିଲେ। ବସ୍‌ରେ ଥିବା ଯାତ୍ରୀମାନେ ଭୟଭୀତ ହୋଇ ତଳକୁ ଓହ୍ଲାଇବା ପାଇଁ ଦୌଡ଼ିଥିଲେ। ବ୍ୟାଟେରିକୁ ବସ୍‌ରୁ ଅଲଗା କରି ଦିଆଯାଇଥିଲା। ପରେ ଆହତ ଯୁବତୀଙ୍କୁ ତିହିଡ଼ି ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା।

## ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର

**ରାଇରଙ୍ଗପୁର, ୭।୩(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ତିରିଙ୍ଗ ଥାନା ଅନ୍ତର୍ଗତ ଦଲାଯୁଡି ଗ୍ରାମରୁ ଶନିବାର ଜଣେ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହକୁ ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ମାହ୍ଲୁ ଟୁଡୁ(୫୫)। ଗତ ଗୁରୁବାର ରାତିରେ ଘରେ କେହି ନିଆଁ ଲଗାଇଦେବାରୁ ସେ ପୋଡି ଯାଇ ମୃତ୍ୟୁବରଣ କରିଥିବା ପ୍ରାଥମିକ ତଦନ୍ତ ପରେ ପୋଲିସ ସୂଚନା ଦେଇଛି। ଏହି ଘଟଣାରେ ଜଣଙ୍କୁ ଥାନାରେ ଅଟକ ରଖି ଅଧିକ ତଦନ୍ତ କରାଯାଉଛି। ଘଟଣାର ରହସ୍ୟ ଉପରୁ ଖୁବ୍‌ଶୀଘ୍ର ପର୍ଦ୍ଦା ଉଠିବ ବୋଲି ପୋଲିସ କହିଛି। ରାଇରଙ୍ଗପୁର ସର୍କଲ ଏସଡିପିଓ ସ୍ନେହାଶିଷଙ୍କ ନେତୃତ୍ୱରେ ତିରିଙ୍ଗ ଥାନାର ପଦାଧିକାରୀ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତନାଘନା ଚଳାଇଛନ୍ତି। ଏ ନେଇ ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ରାଇରଙ୍ଗପୁର ହସ୍‌ପିଟାଲକୁ ପଠାଇଛି। ମୃତା ମହିଳାଙ୍କ ସ୍ୱାମୀ ମେଗା ଟୁଡୁ ପଡୋଶୀ ଝାଡଖଣ୍ଡ ରାଜ୍ୟର ଟାଟାନଗର ଅଞ୍ଚଳରେ ରହି ଶ୍ରମିକ ଭାବେ କାର୍ଯ୍ୟ କରୁଥିବାରୁ ସେ ନିଜ ଘରେ ପୁଅବୋହୂଙ୍କ ସହ ରହୁଥିଲେ ବୋଲି ପୋଲିସ ସୂଚନା ଦେଇଛି।

### ଥାନାରେ ହତ୍ୟା ମାମଲା ରୁଜୁ

## ୨୫ଲକ୍ଷ ଟଙ୍କାର ବ୍ରାଉନ ସୁଗାର ଜବତ, ଜଣେ ଗିରଫ

**ଜଳେଶ୍ୱର, ୭।୩(ସ୍ୱ.ପ୍ର.)**

ଜଳେଶ୍ୱର ମ୍ୟୁନିସିପାଲଟି ଝାଡ଼େଶ୍ୱରପୁର ଅଞ୍ଚଳରେ ଜଳେଶ୍ୱର ପୋଲିସ୍ ଓ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ଟିମ୍ ଶନିବାର ସକାଳେ ଚଢାଉ କରି ୨୫୦ ଗ୍ରାମ୍ ଓଜନର ବ୍ରାଉନସୁଗାର ଜବତ କରଛି। ଯାହାର ମୂଲ୍ୟ ୨୫ଲକ୍ଷରୁ ଉର୍ଦ୍ଧ୍ୱ ହେବ। ଏହି କାରବାରରେ ସାମିଲ ସେକ୍ ଜୟିରୁର୍ଦ୍ଦିନ (୨୫)ଙ୍କୁ ଗିରଫ କରାଯାଇଛି। ଜଳେଶ୍ୱରର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରୁ ଟ୍ରେନ ଯୋଗେ ଅନ୍ୟ ସ୍ଥାନକୁ ବ୍ରାଉନ୍‌ସୁଗାର ଚାଲାଣ ହେଉଥିବା ଅଭିଯୋଗ ହୋଇଆସୁଥିଲା।

ଜଳେଶ୍ୱର ଆଇଆଇସି ଧନେଶ୍ୱର ସାହୁ ଚଢାଉ କରିବା ସମୟରେ ସେକ୍ ଜୟିରୁର୍ଦ୍ଦିନ ଟ୍ରେନ ଯୋଗେ ଅନ୍ୟତ୍ର ଚାଲିଯିବାକୁ ଉଦ୍ୟମ କରୁଥିଲେ। ପୋଲିସ ତାଙ୍କୁ କାବୁ କରିବାରେ ସଫଳ ହୋଇଥିଲା। ଚଢାଉ ବେଳେ ସବ୍‌ଇନ୍ସପେକ୍ଟର ଦିଲୀପ ସାମଲ, ଏଏସ୍‌ଆଇ ରମାକାନ୍ତ ସେଠୀ ସାମିଲ ଥିଲେ। ଅଦ୍ୟାବଧି ୧ ମାସ ମଧ୍ୟରେ ପ୍ରାୟ ୧ କୋଟି ଟଙ୍କା ମୂଲ୍ୟର ବ୍ରାଉନ୍‌ସୁଗାର ଜବତ ହୋଇଥିବା ଜଣାଯାଇଛି ।



ପୋଲିସ ଅଧିକାରୀଙ୍କ ସହ ଗିରଫ ଅଭିଯୁକ୍ତ।

## କୋଇଲା ଚୋରି: ଜେଲ ଗଲେ ଫେରାର ଅଭିଯୁକ୍ତ

**ଭଦ୍ରକ ଅଫିସ, ୭।୩**

ଭଦ୍ରକ ଆର୍‌ପିଏଫ୍ ପକ୍ଷରୁ ଶନିବାର କୋଇଲା ଚୋରି ଘଟଣାରେ ଦୀର୍ଘଦିନ ଧରି ଫେରାର ଥିବା ଅଭିଯୁକ୍ତ ଭଗବାନ ଦାସଙ୍କୁ ଗିରଫ କରାଯାଇଛି। ଭଗବାନଙ୍କ ଘର ତିହିଡ଼ି ଥାନା ହାତୁଆରି ଗାଁରେ। କଡ଼ା ସୁରକ୍ଷା ମଧ୍ୟରେ ଭଦ୍ରକ କୋର୍ଟରେ ହାଜର କରାଯିବା ପରେ ତାଙ୍କୁ ଜେଲ ହାଜତକୁ ପଠାଯାଇଛି। ସୂଚନା ଅନୁସାରେ, ଭଗବାନ ଧାମରା ରେଳ ଲାଇନ ଯୋଗେ ଆସୁଥିବା ଚଳନ୍ତା ଟ୍ରେନ୍‌ରୁ କୋଇଲା ଚୋରି କରି ଜିଲା ଓ ରାଜ୍ୟ ବାହାରକୁ ଚାଲାଣ କରୁଥିଲେ। ତାଙ୍କ ନାଁରେ ଆର୍‌ପିଏଫ୍, ଭଦ୍ରକ ଗ୍ରାମାଞ୍ଚଳ ଓ ଯାଜପୁର ଥାନାରେ ମାମଲା ରହିଛି। ଭଦ୍ରକ ଆର୍‌ପିଏଫ୍‌ର ଏକ ସ୍ୱତନ୍ତ୍ର ଟିମ୍ ତାଙ୍କ ଗାଁରୁ ଗିରଫ କରିଥିଲା। ଆର୍‌ପିଏଫ୍ ଥାନାରେ ମାମଲା(ନଂ.୪/୧୮, ୫/୨୦,୬/୨୦,୮/୨୦) ଏବଂ ଯାଜପୁର ଥାନାରେ ଦୁଇଟି ମାମଲା ରହିଥିବା ଆର୍‌ପିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି।

## ହୋଇପାରିଲାନି ଜବରଦଖଲ ଉଚ୍ଛେଦ: ଫେରିଲା ପ୍ରଶାସନ

**ବାସୁଦେବପୁର,୭।୩(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ତହସିଲ ଅଧୀନ ନରସିଂହପୁର ପଞ୍ଚାୟତ ମଖଲପୁର ଗ୍ରାମରେ ଏକ ସରକାରୀ ଜମି ଜବରଦଖଲ ଉଚ୍ଛେଦ କରିବାକୁ ଆସି ଶନିବାର ପ୍ରଶାସନକୁ ନିରାଶ ହୋଇ ଫେରିବାକୁ ପଡ଼ିଛି। ସୂଚନା ଅନୁଯାୟୀ, ଗତ କିଛିବର୍ଷ ଧରି ଏହି ଜମିରେ ଗ୍ରାମର ଜଣେ ବ୍ୟକ୍ତି ଘର କରି ରହି ଆସୁଛନ୍ତି। ଗ୍ରାମର କେତେଜଣ ବ୍ୟକ୍ତି ତାଙ୍କୁ ଉଚ୍ଛେଦ କରାଯାଉ ବୋଲି ଦାବି କରି ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଓ ପ୍ରଶାସନ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ ପାଇଁ ବନ୍ଦୋବସ୍ତ କରାଯାଇ ଅଧିକାରୀମାନେ ମଖଲପୁର ଗ୍ରାମରେ ପହଞ୍ଚିଥିଲେ। କିନ୍ତୁ ଏହି ଉଚ୍ଛେଦ ପ୍ରକ୍ରିୟାକୁ ସଂଖ୍ୟାଧିକ ଗ୍ରାମବାସୀ ବିରୋଧ କରିଥିଲେ। ଏଠାରେ ଘର କରି ରହିଆସୁଥିବା ବ୍ୟକ୍ତି ଜଣଙ୍କ ହାଇକୋର୍ଟରୁ ଘରଭଙ୍ଗା ନ ଯିବା ପାଇଁ ଏକ ରହିତାଦେଶ କାଗଜ ଦେଖାଇବା ପରେ ପ୍ରଶାସନ ଓ ପୋଲିସ ଫେରିଯିବାକୁ ବାଧ୍ୟ ହୋଇଥିଲେ। ଏହି ଜବରଦଖଲ ଉଚ୍ଛେଦ ଉଦ୍ୟମ ଘଟଣାକୁ ନେଇ ସପକ୍ଷ ଓ ବିପକ୍ଷ ଗୋଷ୍ଠୀ ମୁହାଁମୁହିଁ ହେବାରୁ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା।

## ଥଇଥାନ ପୂର୍ବରୁ ଉଚ୍ଛେଦକୁ ବିରୋଧ



ଖବରଦାତା ସମ୍ମିଳନୀରେ ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ସଂଗଠନର କର୍ମକର୍ତ୍ତା।

**ବାଲେଶ୍ୱର ଅଫିସ, ୭।୩**

ବାଲେଶ୍ୱର ସହର ସରକାରୀ ଆଇଟିଆଇ କ୍ୟାମ୍ପସ୍ ପଛକୁ ୨୩ଟି ଗରିବ ଆଦିବାସୀ ଓ ହରିଜନ ପରିବାର ସରକାରୀ ଜାଗାରେ ଘର କରି ବହୁ ବର୍ଷ ଧରି ବାସ କରିଆସୁଛନ୍ତି। ସେମାନଙ୍କୁ ଥଇଥାନ ନ କରି ସଦର ତହସିଲଦାର ଉଚ୍ଛେଦ ନୋଟିସ୍ ଦେଇଥିବାରୁ ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ସଙ୍ଗଠନ ଏହାକୁ ବିରୋଧ କରିଛି। ସଙ୍ଗଠନ ପକ୍ଷରୁ ଓଡ଼େଶାଭବନ ପରିସରରେ ଶନିବାର ଅପରାହ୍ନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସଭାପତି ବଂଶୀଧର ଚୌଧୁରୀ ଓ ସମ୍ପାଦକ ଗୋବିନ୍ଦ ବଲ୍ଲଭ ଦଳାଇ ଏହି ସୂଚନା ଦେଇ କହିଛନ୍ତି, ଉକ୍ତ ବସ୍ତିରେ ବସବାସ କରୁଥିବା ୨୩ ଭୂମିହୀନ ଗରିବ ପରିବାର ମଧ୍ୟରୁ ଅଧିକାଂଶ ଲୋକ ଦିନମଜୁରିଆ ଭାବେ କାମ କରୁଥିବା ବେଳେ କେତେଜଣ ଛୋଟ ପାନ ଓ ଚା' ଦୋକାନ କରି ଚଳୁଛନ୍ତି। ମହିଳାମାନେ ବିଭିନ୍ନ ଲୋକଙ୍କ ଘରେ କାମଧନ୍ଦା କରି ପରିବାର ପ୍ରତିପୋଷଣ କରିଆସୁଛନ୍ତି। ସେମାନଙ୍କ ପିଲାମାନେ ବିଭିନ୍ନ ସ୍କୁଲରେ ପାଠ ପଢୁଛନ୍ତି। ତେଣୁ ସରକାର ଏମାନଙ୍କୁ ଥଇଥାନ ନ କରି ଘର ଭାଙ୍ଗି ଉକ୍ତ ଜମିକୁ ଦଖଲ କରିବା ଭଳି ପଦକ୍ଷେପ ନେଲେ ଏହା ମାନବିକ ଅଧିକାରକୁ ଉଲ୍ଲଂଘନ କରିବ। ଗରିବଙ୍କ ପ୍ରତି ଅବିଚାର ଓ ଅନ୍ୟାୟ ହେବ। ଏଣୁ ବସ୍ତିବାସିନ୍ଦାମାନଙ୍କୁ ପ୍ରଥମେ ଥଇଥାନ କରାଯାଇ ପରେ ଉଚ୍ଛେଦ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି।

## ରେଳ ଟିକେଟ କଳାବଜାର: ପେ' ଫୋନ ମାଲିକ ଗିରଫ

**ଜଳେଶ୍ୱର, ୭।୩ (ସ୍ୱ.ପ୍ର.)**

ବାଲେଶ୍ୱର ଜିଲାର ଜଳେଶ୍ୱର ଓ ଭୋଗରାଇ ଅଞ୍ଚଳରେ ଦିନକୁ ଦିନ ରେଳ ଟିକଟ କଳାବଜାର ହେଉଥିବା ଅଭିଯୋଗ ହେବା ପରେ ଶନିବାର ଦକ୍ଷିଣପୂର୍ବ ରେଳପଥର ଖଡଗପୁର ଆର୍‌ପିଏଫର ସ୍ପେଶାଲ ସ୍କ୍ୱାଡ୍ ଚଢାଉ କରିଥିଲେ। ଭୋଗରାଇ ବ୍ଲକ ନିକଟରେ ଥିବା ମଣ୍ଡଳ ପେ-ଫୋନର ପାର୍ଟନର ଜୟନ୍ତ ମହାନ୍ତି ନିଜ କମ୍ପ୍ୟୁଟରରେ ରେଲୱେ ୱେବସାଇଟକୁ ହ୍ୟାକିଂ କରି ଟିକେଟ କାଟୁଥିବା ସମୟରେ ଧରାପଡିଛନ୍ତି। ସେ ବ୍ୟବହାର କରୁଥିବା ଲାପଟପ୍, ପ୍ରିଣ୍ଟର ସମେତ ନଗଦ ୩୦୦ଟଙ୍କା ଆର୍‌ପିଏଫ ଅଧିକାରୀମାନେ ଜବତ କରି ଅଭିଯୁକ୍ତଙ୍କୁ ଗିରଫ କରି ରୂପସା ଆର୍‌ପିଏଫ ଫାଣ୍ଡିରେ ରଖି ପଚରାଉଚୁରା ଚଳାଇଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ବାଲେଶ୍ୱର ଆର୍‌ପିଏଫ ଥାନାରେ ଏକ ମାମଲା (ନଂ.୧୫୫/୨୦) ରୁଜୁକରାଯାଇଛି ବୋଲି ଆର୍‌ପିଏଫ ଏଏସ୍‌ଆଇ, ଇନ୍ସପେକ୍ଟର କମଲ ସମଜଦାର ସୂଚନା ଦେଇଛନ୍ତି।

## ରାସ୍ତାରୁ ଖୋଳା ଚାଲିଛି ନିମ୍ନମାନର ପିଚୁ

**ଭଦ୍ରକ ଅଫିସ,୭।୩**

ଭଦ୍ରକ ଗ୍ରାମ୍ୟ ଉନ୍ନୟନ ବିଭାଗ(୨) ଅଧୀନ ସଦର ବ୍ଲକର ସରଗଡ଼ିଆ-ଚନ୍ଦନପୁର ରାସ୍ତା କାମ ନିମ୍ନମାନର ହେଉଥିବା ନେଇ ଅଭିଯୋଗ ଉଠିଥିଲା। ଏହି ନିମ୍ନମାନର ରାସ୍ତା କାର୍ଯ୍ୟକୁ ନେଇ ଜଣେ ସାମାଜିକ କର୍ମୀ ଟୁଇଟ୍ କରିବା ପରେ ପ୍ରଶାସନିକ ତଦନ୍ତ ଆରମ୍ଭ ହୋଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ସଚିବଙ୍କ ନିର୍ଦ୍ଦେଶକ୍ରମେ ଭଦ୍ରକ ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ନିକଟରେ କ୍ଷେତ୍ରୀୟ ତଦନ୍ତ କରାଯାଇ ରାସ୍ତାର ମାନ ଯାଞ୍ଚ କରାଯାଇଥିଲା। ଅଧିକାରୀମାନଙ୍କ ଯାଞ୍ଚ ପରେ ପ୍ରାୟ ୫ଶହ ମିଟର ପିଚୁ ରାସ୍ତା ଏବେ ଶ୍ରମିକମାନଙ୍କ ଦ୍ୱାରା ଖୋଳା ଚାଲିଛି। ନିମ୍ନମାନର କାର୍ଯ୍ୟ ହୋଇଥିବାରୁ ଉପରିସ୍ଥ ଅଧିକାରୀମାନେ ଠିକାଦାରଙ୍କ ନିଜସ୍ୱ ଟଙ୍କାରେ ଏହି ରାସ୍ତା ଖୋଳାଯାଇ ପୁନଃ ପିଚୁ ପକାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିକଟରେ ହୋଇଥିବା କଂକ୍ରିଟ ରାସ୍ତା ଫାଟି ଯାଇଥିବାରୁ ଉକ୍ତ ରାସ୍ତା କାମ ମଧ୍ୟ କରିବା ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି।



ସରଗଡ଼ିଆ-ଚନ୍ଦନପୁର ରାସ୍ତାରୁ ନିମ୍ନମାନର ପିଚୁକୁ ଶ୍ରମିକମାନେ ଖୋଳି ବାହାର କରୁଛନ୍ତି।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ବଜ୍ରପାତରେ ୧୫ ଗୋରୁ ମୃତ

ଯୋଡ଼ା, ୭।୩(ଡି.ଏନ.ଏ.)- କେନ୍ଦୁଝର ଜିଲା ଯୋଡା ବ୍ଲକ ଅନ୍ତର୍ଗତ ରୁଗୁଡି ଗ୍ରାମରେ ବଜ୍ରପାତ ଯୋଗୁ ୧୫ ଗୋରୁଙ୍କର ମୃତ୍ୟୁ ଘଟିଥିବା ଖବର ହସ୍ତଗତ ହୋଇଛି । ଗତ ଗୁରୁବାର ପ୍ରାୟ ସାଢ଼େ ୧୨ଟାରେ ବଜ୍ରପାତ ହେବାରୁ ଉକ୍ତ ଗ୍ରାମର ପ୍ରାୟ ୧୦ ଜଣ ଲୋକଙ୍କର ୧୫ଟି ଗୋରୁଙ୍କର ମୃତ୍ୟୁ ଘଟିଥିଲା । ଖବର ପାଇ ଯୋଡା ଗୋଷ୍ଠୀ ପ୍ରାଣୀ ଚିକିତ୍ସକ ମାଧବ ଚୌଧୁରୀ ଘଟଣାସ୍ଥଳକୁ ଯାଇ ଏହାର ଅନୁଧାନ କରି ଜିଲା ବିପର୍ଯ୍ୟୟ ପରିଚାଳନା ପାଣ୍ଠି ପକ୍ଷରୁ ଏହାର କ୍ଷତିପୂରଣ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### ସେବା ସପ୍ତାହ ପାଳନ

ହାଟଡିହୀ, ୭।୩(ଡି.ଏନ.ଏ.)-କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ମା' ଭାଟିଆଶୁଣୀ ନିର୍ମାଣ ଶ୍ରମିକ ସଂଘ ତରଫରୁ ବିଷ୍ଣୁପୁରଠାରେ ସାଧାରଣ ସମ୍ପାଦକ ପର୍ଶୁରାମ ଯେନାଙ୍କ ଅଧ୍ୟକ୍ଷତାରେ ନିର୍ମାଣ ଶ୍ରମିକ ସେବା ସପ୍ତାହ ପାଳନ ହୋଇଯାଇଛି। ଆୟୋଜିତ ବୈଠକରେ ବହୁ ସଂଖ୍ୟାରେ ଶ୍ରମିକ ଉପସ୍ଥି ରହି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଜାନକୀ ଯେନା, ରୁକ୍ମିଣୀ ଯେନା, ବେଙ୍ଗ ଯେନା, ବଉଳ କୁଅଁର, ମନ୍ଦି ଯେନା, ଗୋପୀନାଥ ଯେନା, ରବୀନ୍ଦ୍ର ଯେନା, କୈଳାସ ଯେନା ପମୁଖଙ୍କ ସମେତ ବହୁ ସଂଖ୍ୟାରେ ଶ୍ରମିକ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

### ବିଦ୍ୟାଳୟର ବାର୍ଷିକ ଉତ୍ସବ

ବଉଳା, ୭।୩(ଡି.ଏନ.ଏ.)- ହାଟଡିହୀ ବ୍ଲକର ଆମ୍ବନାଳିଆ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କୁନି ପୂର୍ତ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ସିଆରସିସି କୁଶଧ୍ୱଜ ବେହେରା, ମୁଖ୍ୟବକ୍ତା ଭାବେ ବାଲିବରେଇ ସିଆରସିସି ପ୍ରଦୀପ କୁମାର ଦେହୁରୀ, ସମ୍ମାନିତ ଅତିଥି ଭାବେ ମୁଣ୍ଡକାଠି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ଶଙ୍ଖୁଆ, ଆମ୍ବନାଳିଆ ଅଙ୍ଗନୱାଡ଼ି କର୍ମୀ ବୀଣାପାଣି ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ଦୀନବନ୍ଧୁ ଦାସ ମଞ୍ଚ ସଂଯୋଜନା କରିଥିବା ବେଳେ ପ୍ରଧାନଶିକ୍ଷକ ନରୋତ୍ତମ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବାର୍ଷିକ କ୍ରୀଡ଼ାରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

### କଳାକାର ପରିଷଦର ବୈଠକ

ହାଟଡିହୀ, ୭।୩(ଡି.ଏନ.ଏ.)- କେନ୍ଦୁଝର ଜିଲ ହାଟଡିହୀ ବ୍ଲକ ସରଳ କୋଳିପଦି ଠାରେ ମା' ବିଶ୍ୱ ତାରିଣୀ କଳାକାର ପରିଷଦ ହାଟଡିହୀ ତରଫରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ଜେନା, ହୃଷୀକେଶ ରାଉତ, ସରପଞ୍ଚ ରାମଚନ୍ଦ୍ର ଦାସ, ଗାୟକ ବାଗିଶ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ପାଲା କଳାକାର ସମ୍ପର୍କରେ ଆଲୋଚନା କରିଥିଲେ। ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସ୍ଥାୟୀ ସଭାପତି ଭାବେ ଗୋପୀନାଥ ଦ୍ୱିବେଦୀ, କାର୍ଯ୍ୟକାରୀ ସଭାପତି ଭାବେ ଶଙ୍କର୍ଷଣ ମିଶ୍ର, ଉପସଭାପତି ଭାବେ ଭାଗୀରଥି ବରାଳ, ସମ୍ପାଦକ ଭାବେ ବାବାଜି ଚରଣ ଜେନା, ସହସମ୍ପାଦକ ଭାବେ ମଦନ ମୋହନ ଜେନା, ବ୍ଲକ ସଭାପତି ଭାବେ ବିଦ୍ୟାଧର କବି ନିର୍ବାଚିତ ହୋଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ଲୋକନାଥ ସାହୁ, କବି ଚିନ୍ତାମଣି ଦାସ ଓ ଭାସ୍କର ବେଦାନ୍ତ, ମୁଖ୍ୟ ଉପଦେଷ୍ଟା କାର୍ତ୍ତିକେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପାଲା ପରିବେଷଣ କରାଯାଇଥିଲା ।

# ଟୋକନ ଅନିୟମିତତା ନେଇ ତାଲା ପକାଇଲେ

କେନ୍ଦୁଝର, ୭।୩ (ସ୍ୱ.ପ୍ର.)

ଚାଷୀଙ୍କୁ ଟୋକନ ବଣ୍ଟନରେ ଅନିୟମିତତା ଅଭିଯୋଗରେ ସଦର ବ୍ଲକ ଅନ୍ତର୍ଗତ ପଳାଶପଙ୍ଗା ଠାରେ ଥିବା ବହୁମୁଖୀ ସମବାୟ ସମିତି ଲିଃ (ଲ୍ୟାମ୍ପ)ରେ ଶନିବାର ଦିନ ଚାଷୀ ମାନେ ଉତକ୍ଷିପ୍ତ ହୋଇ କାର୍ଯ୍ୟାଳୟରେ ତାଲା ପକାଇଛନ୍ତି। ଏନେଇ ପୂର୍ବରୁ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ ହେଁ ନ୍ୟାୟ ନ ମିଳିବାରୁ ଏଭଳି ପଦକ୍ଷେପ ଗ୍ରହଣ କରିଥିବା ଚାଷୀ ମାନେ କହିଛନ୍ତି । ପ୍ରକାଶ ଯେ ଏହି ଲ୍ୟାମ୍ପ ଅଧୀନରେ ଥିବା ସମସ୍ତ ଚାଷୀ ମାନେ ଟୋକନ


ସମବାୟ ସମିତି କାର୍ଯ୍ୟାଳୟରେ ଚାଷୀମାନେ ତାଲା ପକାଇଛନ୍ତି।

ପାଇବେ ପାଇବେ ବୋଲି ଅପେକ୍ଷାକରି ପ୍ରତ୍ୟେକ ଦିନ ନିରାଶ ହୋଇ ଘରକୁ ଫେରୁଥିଲେ। ଚାଷୀ ମାନଙ୍କୁ ଠିକ ସମୟରେ ଟୋକନ ମିଳୁ ନ ଥିବା ନେଇ ଅଭିଯୋଗ ହୋଇଆସୁଛି । ଟୋକନ ଆଜି ମିଳିବ ଓ କାଲି ମିଳିବ ବୋଲି କହି ସମୟ ଗୋଡାଇ ଚାଲିଥିବାରୁ ଅସନ୍ତୋଷ ଚାଷୀ ମାନେ ଉତକ୍ଷିପ୍ତ ହୋଇ ଶନିବାର ତାଲା ପକାଇ ଆଗରେ ଧାରଣାରେ ବସିଥିଲେ । ଏହି ଲ୍ୟାମ୍ପ ବାବଦରେ ଅନେକବାର ଚାଷୀମାନଙ୍କୁ ଟୋକନ ଦେବା ନେଇ ହଇରାଣ ହରକତ କର୍ମଚାରୀମାନେ କରୁଥିବା ନେଇ ଚାଷୀମାନେ ପ୍ରଶାସନ ନିକଟରେ ଅଭିଯୋଗ କରିଆସୁଥିଲେ ହେଁ ସୁଫଳ ମିଳୁନଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହାର ତୁରନ୍ତ ପ୍ରତିକାର କରିବାକୁ ଚାଷୀମାନେ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।


ମେଧାବୃତ୍ତି ପାଇଥିବା ଛାତ୍ରୀଛାତ୍ରଙ୍କ ସହ ଉପଜିଲାପାଳ ଓ ଟାଟାଷ୍ଟିଲ ଅଧିକାରୀଗଣ ।

# ୨୭୯ ମେଧାବୀ ଛାତ୍ରୀଛାତ୍ରଙ୍କୁ ବୃତ୍ତି ପ୍ରଦାନ

ଯୋଡ଼ା, ୭।୩(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ସହରସ୍ଥିତ ଭ୍ୟାଲି କ୍ଲବ୍‌ଠାରେ ଟାଟା ଷ୍ଟିଲ ପକ୍ଷରୁ ଶନିବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି ଓ ଜନଜାତି ଶ୍ରେଣୀର ୨୭୯ ମେଧାବୀ ଛାତ୍ରୀଛାତ୍ରଙ୍କୁ 'ଟାଟା ଷ୍ଟିଲ ଜ୍ୟୋତି ମେଧା ବୃତ୍ତି' ପ୍ରଦାନ କରାଯାଇଛି। ଏହିଅବସରରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ଉପ-ଜିଲାପାଳ ପ୍ରତାପ ପ୍ରତିମୟ ଏବଂ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଟାଟା ଷ୍ଟିଲ ଓଏମକ୍ୟୁ ବିଭାଗ ମହାପ୍ରବନ୍ଧକ ଅତୁଲ କୁମାର ଭଟ୍ଟନାଗର, ଟାଟା ଷ୍ଟିଲ ଯୋଡ଼ା ଚିଫ୍ ରାଜେଶ କୁମାର ପ୍ରମୁଖ ଉପସ୍ଥିତ ରହି ମେଧାବୀ ଛାତ୍ରୀଛାତ୍ରଙ୍କୁ ବୃତ୍ତି ପ୍ରଦାନ କରିଥିଲେ। ଯୋଡ଼ା, ବଡ଼ବିଲ ଓ କେନ୍ଦୁଝର ଅଞ୍ଚଳରେ ଥିବା ବିଦ୍ୟାଳୟ ଓ ମହାବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ମୋଟ ୧୪ ଲକ୍ଷ ୨୪ ହଜାର ଟଙ୍କାର ଜ୍ୟୋତି ବୃତ୍ତି ରାଶି ପ୍ରଦାନ କରାଯାଇଛି ।

# ବଦଳିବ ୧୮ ଉଚ୍ଚ ବିଦ୍ୟାଳୟର ଭାଗ୍ୟ

ଚମ୍ପୁଆ, ୭।୩(ଡି.ଏନ.ଏ)

ଚମ୍ପୁଆ ବ୍ଲକ ଅନ୍ତର୍ଗତ ୧୮ଟି ପଞ୍ଚାୟତରେ ଥିବା ଉଚ୍ଚ ବିଦ୍ୟାଳୟର ଭାଗ୍ୟ ବଦଳିବ ବୋଲି ଜଣାଯାଇଛି। ଏନେଇ ବ୍ଲକ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ନାଏକ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ଚମ୍ପୁଆ ବ୍ଲକରେ ଥିବା ୧୮ ଗୋଟି ଉଚ୍ଚ ବିଦ୍ୟାଳୟର ପଞ୍ଚ ପରିବର୍ତ୍ତନ କରାଯିବା ସହିତ ଏହାକୁ ମଡେଲ ସ୍କୁଲ ଢାଞ୍ଚାରେ ପରିବର୍ତ୍ତନ କରାଯିବ ବୋଲି ଜଣାଯାଇଛି। ଚମ୍ପୁଆ ବ୍ଲକ ସୁନାପଶି ପଞ୍ଚାୟତର ବାଙ୍କ ଉଚ୍ଚ ବିଦ୍ୟାଳୟ, ଭୁଇଁପୁର ପଞ୍ଚାୟତର ଟିପ୍‌ଟିପ୍ ବିଦ୍ୟାଳୟ, କାଶିପାଳ ପଞ୍ଚାୟତ ହାଇସ୍କୁଲ, ଜ୍ୟୋତିପୁର ନୋଡାଲ ହାଇସ୍କୁଲ, ଫୁଲକଁଳେଇ ନୋଡାଲ ହାଇସ୍କୁଲ, ଏମ୍‌କେ ଗାନ୍ଧୀ ନୋଡାଲ ହାଇସ୍କୁଲ ସଡଙ୍ଗି, ଡିଏନ୍ ଗମେଣ୍ଟ ହାଇସ୍କୁଲ ସରେଇ, ହରେଶ୍ୱର ନୋଡାଲ ହାଇସ୍କୁଲ ବଡନଇ, ବିକେ ହାଇସ୍କୁଲ କରଞ୍ଜିଆ, ରଜିଆ ଜି.ପି. ନୋଡାଲ ହାଇସ୍କୁଲ, ଉତ୍କଳମଣି ନୋଡାଲ ବିଦ୍ୟାପିଠ ପର୍ଶଳା, କେବି ନୋଡାଲ ହାଇସ୍କୁଲ ଭଣ୍ଡା, କପିଳେଶ୍ୱର ନୋଡାଲ ହାଇସ୍କୁଲ ନନ୍ଦପୁର, ପଡୁଆ ହାଇସ୍କୁଲ ପଡୁଆ, କାଳିକାପ୍ରସାଦ ନୋଡାଲ ହାଇସ୍କୁଲ, ରିମୁଳି ନୋଡାଲ ହାଇସ୍କୁଲ, ବାଙ୍କିଆ ନୋଡାଲ ହାଇସ୍କୁଲ, ପରୁଷୋତ୍ତମ ହାଇସ୍କୁଲ ଆଦି ବିଦ୍ୟାଳୟ ଗୁଡିକର ଆନୁଷଙ୍ଗିକ ଅବସ୍ଥା, ପାଚେରୀ ନିର୍ମାଣ, କମ୍ପ୍ୟୁଟର ଲ୍ୟାବ୍ ଓ ଅନ୍ୟାନ୍ୟ ଉନ୍ନୟନ କାମ କରାଯିବ ସହିତ ବିଦ୍ୟାଳୟ ଗୁଡିକୁ ମଡେଲ ବିଦ୍ୟାଳୟ ଭାବେ ନିର୍ମାଣ କରାଯିବ ବୋଲି ଜଣାଯାଇଛି। ଛାତ୍ରୀଛାତ୍ରଙ୍କ ଶିକ୍ଷା ଦିଗକୁ ଆକୃଷ୍ଟ କରିବା ଏବଂ ବିଦ୍ୟାଳୟର ଭିତ୍ତି ଭୂମିକୁ ଉନ୍ନତିର ସୋପାନକୁ ପହଞ୍ଚାଇବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ଗୋବର୍ଦ୍ଧନ ନାଏକ ସୂଚନା ଦେଇଥିଲେ। ବ୍ଲକ ପ୍ରଶାସନ ଓ ଶିକ୍ଷା ବିଭାଗ ମିଳିତ ସହଯୋଗରେ ଏହି ଉନ୍ନୟନ କାମ ଗୁଡିକ କରାଯିବ ବୋଲି ଜଣାଯାଇଛି।

# ସପ୍ତମ ବାର୍ଷିକ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ

କେନ୍ଦୁଝର, ୭।୩ (ସ୍ୱ.ପ୍ର.)


ଉଦଘାଟନୀ ମ୍ୟାଚ୍‌ରେ ଉଭୟ ଦଳର ଖେଳାଳି।

ହରିଚନ୍ଦନପୁର ବ୍ଲକ ପିଟାପିଟି ଗ୍ରାମ ଦୋଳ ମିନି ଷ୍ଟାଡିୟମରେ ମା'ତାରିଣୀ ଭଲିବଲ ଆସୋସିଏଶନ ଆୟୋଜନରେ ସପ୍ତମ ବାର୍ଷିକ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି । ଉଦ୍‌ଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ଗୁଡ ମର୍ନିଙ୍ଗ କ୍ଲବର ସଭାପତି ବସନ୍ତ କୁମାର ପୃଷ୍ଟି ,ସମ୍ମାନିତ ଅତିଥି ସାମାଜିକକର୍ମୀ ନିରାକାର ସାହୁ ,ସରପଞ୍ଚ କଳିଙ୍ଗ କିଶାନ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରାଧାକାନ୍ତ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ବିଜୟ କୁମାର ସାହୁ, ଭଗବାନ ସାହୁ, ଅମରଦୀପ ସାହୁ, ଟିଙ୍କିନା ସାହୁ, ବଳରାମ ନାଏକ, ବିକ୍ରମ ଚରଣ ସେଠୀ, ବାମନ ଚରଣ ସାହୁ ପ୍ରମୁଖ ଯୋଗଦେଇ ମା'ତାରିଣୀଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରି ଖେଳ ପତକା ଉତ୍ତୋଳନ କରିଥିଲେ । ଉଦ୍‌ଘାଟନୀ ମ୍ୟାଚରେ ଟିମ ଓଡିଶା ଫାୟାର ଏବଂ ଜାମୁପଶି ମଧ୍ୟରେ କଡା ମୁକାବିଲା ହୋଇଥିଲା । ପ୍ରଥମଦିନରେ ଗ୍ରାମାଞ୍ଚଳର ଓଡିଶା ଫାୟାର, ତରା, ପିଟାପିଟି, ମଲ୍ଲିପଶି, ଜାମୁପଶି, କେନ୍ଦୁଝରର ଭଲି ବଲ ଖେଳାଳିଙ୍କୁ ନେଇ ଖେଳ ଆରମ୍ଭ ହୋଇଥିବା ବେଳେ ୮ ତାରିଖରେ ରାଜ୍ୟ ଓ ଜାତୀୟ ସ୍ତରର ବହୁ ନାମିଦାମୀ ଖେଳାଳି ଯୋଗଦେବେ ବୋଲି ଆୟୋଜକଙ୍କ ପକ୍ଷରୁ ଜଣାପଡିଛି। ଟୁର୍ନାମେଣ୍ଟର ରେଫରୀ ଭାବେ ଜାତୀୟ ସ୍ତରର କାଳାକାର ସାମଲ, ହିମାଂଶୁ ଦାସ ଏବଂ ରାଜ୍ୟସ୍ତରର ରେଫରୀ ଗଗନ ବିହାରୀ ପରିଡା ଯୋଗଦେଇ ଖେଳ ପରିଚାଳନା କରିଥିଲେ । ଆସୋସିଏଶନ ତରଫରୁ ଖେଳାଳିଙ୍କ ଖାଦ୍ୟ ବ୍ୟବସ୍ଥା କରାଯାଇଥିବା ବେଳେ କ୍ରୀଡା ପ୍ରେମୀଙ୍କ ଭିଡକୁ ଦୃଷ୍ଟି ଦେଇ ଶାନ୍ତି ଶୃଙ୍ଖଳାକୁ ଗୁରୁତ୍ୱ ଦିଆଯାଇଛି । ମା' ତାରିଣୀ ଭଲିବଲ ଆସୋସିଏଶନର ସଭାପତି ଭଗବାନ ସାହୁ,ସମ୍ପାଦକ ଅମରଦୀପ ସାହୁ,ଅଶ୍ୱିନୀ କୁମାର ସାହୁ ସମେତ ଆସୋସିଏଶନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# 'ପୌର ନିର୍ବାଚନରେ ପ୍ରାର୍ଥୀ ଦେବ ଆପ୍'

କେନ୍ଦୁଝର, ୭।୩(ଡି.ଏନ୍.ଏ.)

ଆମ୍ ଆଦ୍‌ମୀ ପାର୍ଟି ଆଗାମୀ ପୌର ନିର୍ବାଚନରେ ଓଡିଶାର ସମସ୍ତ ପୌରାଞ୍ଚଳରେ ପ୍ରାର୍ଥୀ ଦେବ ବୋଲି ଆପ୍ ପ୍ରବକ୍ତା ତଥା ଓଡିଶା ପ୍ରଭାରୀ ସଞ୍ଜୟ ସିଂହ କେନ୍ଦୁଝରଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଦିଲ୍ଲୀ ସରକାରଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ମଡେଲ ଭଳି ଓଡିଶାର ପୌରାଞ୍ଚଳରେ ଶିକ୍ଷା ଓ ସ୍ୱାସ୍ଥ୍ୟ ମଡେଲକୁ ନେଇ ଓଡିଶା ପୌରାଞ୍ଚଳ ନିର୍ବାଚନ ମଇଦାନକୁ ଓହ୍ଲାଇବ ବୋଲି ସେ ପ୍ରକାଶ କରିଥିଲେ। ଶନିବାର ରାଜ୍ୟସଭା ସଦସ୍ୟ, ଆମ୍ ଆଦମୀ ପାର୍ଟିର ପ୍ରବକ୍ତା ତଥା ଆପ୍ ପିଏସି ସଦସ୍ୟ ସଞ୍ଜୟ ସିଂହ କେନ୍ଦୁଝର ସର୍କିଟ ହାଉସଠାରେ ଖବରଦାତାଙ୍କ ପ୍ରଶ୍ନ ଉତ୍ତରରେ ଉପରୋକ୍ତ ତଥ୍ୟ ଦେଇଥିଲେ। ଆପ୍ ଦିଲ୍ଲୀ ଭଳି ଓଡିଶାର ପୌରାଞ୍ଚଳରେ ମହଲା କ୍ଲିନିକ୍‌କୁ ଗୁରୁତ୍ୱ ଦେବ ବୋଲି ଏହି ଅବସରରେ ସେ କହିଥିଲେ। ଏଥିସହ ଓଡିଶାରେ ପରବର୍ତ୍ତୀ ଗ୍ରାମାଞ୍ଚଳ ନିର୍ବାଚନ ଏବଂ ବିଧାନସଭା ନିର୍ବାଚନ ନିମନ୍ତେ ବର୍ତ୍ତମାନଠାରୁ ବୁଥସ୍ତର ସଂଗଠନକୁ ମଜଭୁତ କରାଯିବା କାମ ଆରମ୍ଭ କରାଯାଇଛି ବୋଲି ସେ କହିଥିଲେ। ଏଥିପାଇଁ ରବିବାର ଭୁବନେଶ୍ୱରଠାରେ


ଖବରଦାତା ସମ୍ମିଳନୀରେ ଆପ୍‌ର କର୍ମକର୍ତ୍ତା।

ସମସ୍ତ ଜିଲା ସଭାପତି ତଥା ରାଜ୍ୟ ପଦାଧିକାରୀମାନଙ୍କୁ ନେଇ ଏକ ବୈଠକ କରାଯିବ ବୋଲି ସେ ସୂଚନା ଦେଇଥିଲେ। ସହରାଞ୍ଚଳରେ ଆପ୍‌ର ଶିକ୍ଷା ଓ ସ୍ୱାସ୍ଥ୍ୟ ମଡେଲ ସହ ଗ୍ରାମାଞ୍ଚଳରେ ମାଗଣା ବିଦ୍ୟୁତ ଓ ମାଗଣାରେ ପାନୀୟ ଜଳ ଯୋଗାଣ ଦଳର ପ୍ରମୁଖ ଆଜେଣ୍ଡା ରହିବ ବୋଲି ସେ କହିଥିଲେ। ଏହି ସମ୍ମିଳନୀରେ ଆପ୍ କେନ୍ଦୁଝର ଜିଲା ସଭାପତି ପ୍ରମୋଦ କୁମାର ସାହୁ, ଜିଲା ସାଧାରଣ ସମ୍ପାଦକ ଜଇନୁଲ ଆବେଦ୍ଦିନ, ଆପ୍ ନେତା ରମ୍ୟରଞ୍ଜନ ଖଣ୍ଡୁଆଳ, ଚିତ୍ତରଞ୍ଜନ ନାଏକ, ସନ୍ତୋଷ କୁମାର ବାରିକ, ପ୍ରିୟବ୍ରତ ବାରିକ, ରଶ୍ମିନ୍ଦ୍ରନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଯାଜପୁର ଅଲେଖ ୱାରିୟର୍ସ ସେମିଫାଇନାଲରେ

ସର୍ବଭାରତୀୟ ସତ୍ୟପ୍ରସନ୍ନ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ

କେନ୍ଦୁଝର, ୭।୩(ଡି.ଏନ୍.ଏ.)

କେନ୍ଦୁଝର ମାଇନିଂ ସ୍କୁଲ ପଡିଆଠାରେ ଶଙ୍କର ସ୍ପୋର୍ଟିଂ କ୍ରିକେଟ ଏକାଡେମୀ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ସତ୍ୟପ୍ରସନ୍ନ ଦିବାରାତ୍ର ଟି-୨୦ କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଛତିଶଗଡ ଫରେଷ୍ଟକୁ ପରାସ୍ତ କରି ଯାଜପୁର ଅଲେଖ ୱାରିୟର୍ସ ସେମିଫାଇନାଲକୁ ଉନ୍ନୀତ ହୋଇଛି। ଯାଜପୁର ଅଲେଖ ୱାରିୟର୍ସ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭରରେ ୧୮୨ ରନ୍ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ସୁପ୍ରିୟ ଚକ୍ରବର୍ତ୍ତୀ ୪୩ଟି ବଲରେ ୭୪ ରନ୍, ଶାନ୍ତନୁ ମିଶ୍ର ୧୬ଟି ବଲରେ ୨୮ ରନ୍ ଏବଂ ଦିବ୍ୟଜ୍ୟୋତି ପ୍ରଧାନ ୧୩ ବଲରେ ଗୋଟିଏ ଛକା ଓ ଗୋଟିଏ ଚଉକା ସହାୟତାରେ ୨୬ ରନ୍ କରିଥିଲେ। ଛତିଶଗଡ ଫରେଷ୍ଟ ଦଳର ଅମିତ ପାଲ ସିଂ ୪ ଓଭରରେ ୩୪ ରନ୍ ଦେଇ ୨ ଟି ଉଇକେଟ ଏବଂ ଅନୁଜ କୁମାର ୩ ଓଭର ବୋଲିଂ କରି ୩୪ ରନ୍ ଦେଇ ୨ଟି ଉଇକେଟ ନେଇଥିଲେ। ଛତିଶଗଡ ଫରେଷ୍ଟ ଦଳ ୧୧.୨ ଓଭରରେ ୯ ଉଇକେଟ ହରାଇ ମାତ୍ର ୪୩ ରନ୍ କରିବାକୁ ସକ୍ଷମ ହୋଇ ୧୩୯ରନ୍ ବ୍ୟବଧାନରେ ପରାସ୍ତ ହୋଇଥିଲା। ଯାଜପୁର ଅଲେଖ ୱାରିୟର୍ସର ସୁପ୍ରିୟ ଚକ୍ରବର୍ତ୍ତୀ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ।

# ବିଦ୍ୟାଳୟରେ କରୋନାକୁ ନେଇ ସଚେତନତା

ପାଟଣା, ୭।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ଟାଙ୍ଗରପଡା ପଞ୍ଚାୟତ ସାନଜାମୁପଶି ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ନେଇ ଶନିବାର କରୋନା ଭୂତାଣୁ ପ୍ରତିରୋଧ ଓ ସଚେତନତା ସକାଶେ ଏକ ଶିଶୁ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଘନଶ୍ୟାମ ମହାନ୍ତଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଟାଙ୍ଗରପଡା ସିଆରସିସି ପ୍ରଦୀପ କୁମାର ମହାପାତ୍ର, ମୁଖ୍ୟବକ୍ତା ଭାବେ ଶିକ୍ଷକ ବୀରମୋହନ ଦ୍ୱିବେଦୀ ଯୋଗ ଦେଇ କରୋନା ଭୂତାଣୁଠାରୁ ଦୂରେଇ ରହିବାର ସମସ୍ତ ଉପାୟ ଉପରେ ପିଲାମାନଙ୍କୁ ସଚେତନ କରାଇଥିଲେ। ଏହି ସଭାରେ 'ସଚେତନ ରୁହନ୍ତୁ ସୁରକ୍ଷିତ ରୁହନ୍ତୁ' ବିଷୟ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ବିଦ୍ୟାଳୟର ସ୍ୱଚ୍ଛତା ସହ ହାତକୁ ନିୟମିତ ସାବୁନରେ ଧୋଇବା, ମୁହଁରେ ମାସ୍କ-ରୁମାଲ ବ୍ୟବହାର କରିବା ଓ ସର୍ବସାଧାରଣ ତଥା ଜନଗହଳି ସ୍ଥାନଗୁଡିକରେ କିଭଳି ଭୂତାଣୁ ସଂକ୍ରମଣରୁ ନିଜକୁ ନିରାପଦ ଭାବେ ରଖିହେବ ସେ ସମ୍ପର୍କ ରେ ଆଲୋଚନା କରାଯାଇଥିଲା।


ସଚେତନତା ସଭାରେ ଉପସ୍ଥିତ ଶିକ୍ଷକଙ୍କ ସହିତ ଛାତ୍ରୀଛାତ୍ର।

# ଝୁମ୍ପୁରାରେ ଦୋଳ ଉତ୍ସବ

ଝୁମ୍ପୁରା, ୭।୩(ଡି.ଏନ.ଏ.)

ଝୁମ୍ପୁରା ଦୋଳ ପଡିଆଠାରେ ଆରମ୍ଭ ହୋଇଯାଇଛି ପରମ୍ପରାଗତ ଦୋଳ ଉତ୍ସବ। ଚଳିତ ବର୍ଷ ଦୋଳ ଉତ୍ସବ ୬୮ବର୍ଷରେ ପହଞ୍ଚିଛି। ଉତ୍ସବ ମୁଖରିତ ହୋଇ ଉଠିଛି ଦୋଳ ପଡିଆ ସମେତ ଆଖପାଖ ଅଞ୍ଚଳ। ଦୋଳ ମଣ୍ଡପର ସୁସଜ୍ଜିତ ମେଢ ଉପରେ ପୂଜା ପାଉଛନ୍ତି ରାଧାକୃଷ୍ଣଙ୍କର ଯୁଗଳ ବିଗ୍ରହ। ଗତ ଗୁରୁବାର କଳସ ଶୋଭାଯାତ୍ରା ପରେ ପାରମ୍ପରିକ ରୀତିନୀତି ଅନୁଯାୟୀ ୯ ତାରିଖ ପର୍ଯ୍ୟନ୍ତ ପୂଜାର୍ଚ୍ଚନା କରାଯିବ। ପୂର୍ଣ୍ଣିମା ଦିନ ଓ ପୂର୍ବ ୨ଦିନ ସନ୍ଧ୍ୟା ସମୟରେ ଠାକୁର ନଗର ପରିକ୍ରମା କରନ୍ତି। ଏକ ସୁସଜ୍ଜିତ ଟ୍ରଲିକୁ ବିମାନ ରୂପ ଦିଆଯାଇ ଠାକୁରଙ୍କୁ ନିଆଯାଇଥାଏ। ପୂର୍ଣ୍ଣିମା ରାତିରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଠାକୁରଙ୍କ ମେଳଣ କରାଯାଏ। ଅଞ୍ଚଳର ଶୁଭ ମନାସୀ ମେଳଣ ପଡିଆରେ ନୂତନ ପିକା ପଠନ କରାଯାଥାଏ। ରାଧାକୃଷ୍ଣଙ୍କର ଅବିର ଖେଳ ଆରମ୍ଭ ହୁଏ। ଉପସ୍ଥିତ ଥିବା ସମସ୍ତ ଶ୍ରଦ୍ଧାଳୁ ଅବିର ଖେଳରେ ସାମିଲ ହୋଇଥାନ୍ତି। ଦୋଳ ଉତ୍ସବରେ ଚଳିତ ବର୍ଷ ୩ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମମାନ କରାଯିବାର ସୂଚନା ଦିଆଯାଉଛି। ରାଧାଗୋବିନ୍ଦ ଯୁବସଂଘ ସଭାପତି ଜୟନ୍ତ ବେହେରାଙ୍କ କହିବା ଅନୁଯାୟୀ ୧୦ ତାରିଖରେ ସାମୂହିକ ଭାବେ ହୋଲି ଉତ୍ସବ ପାଳିତ ହେବ ଏବଂ ୧୩ତାରିଖରେ ଠାକୁର ଭସାଣି ଉତ୍ସବ ପାଳିତ ହେବ।


ଦୋଳ ମଣ୍ଡପରେ ପୂଜା ପାଉଛନ୍ତି ରାଧାକୃଷ୍ଣଙ୍କର ଯୁଗଳ ବିଗ୍ରହ।

# ବଳଦେବଜୀଉଙ୍କ ପାରମ୍ପରିକ ଦୋଳ ମେଳଣ

କେନ୍ଦୁଝର, ୭।୩(ଡି.ଏନ୍.ଏ.)

କେନ୍ଦୁଝରର ଆରାଧ୍ୟଦେବତା ବଳଦେବଜୀଉଙ୍କ ଦୋଳପର୍ବ ଫଗୁ ଦଶମୀଠାରୁ ଆରମ୍ଭ ହୋଇଛି। ବଳଦେବଜୀଉଙ୍କ ଚଳନ୍ତି ପ୍ରତିମା ଶ୍ରୀ ମଦନମୋହନ ଦୋଳ ବିମାନରେ ବସି ସାହି ପରିକ୍ରମା କରୁଥିବାବେଳେ କେନ୍ଦୁଝରର ପୁରାତନ ଶକ୍ତିପୀଠ ସିଦ୍ଧମଠରୁ ସିଦ୍ଧଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ଓ ପୁରୁଣା ରାଜଉଆସରୁ ଜୟଗୋପାଳଙ୍କ ଦୋଳ ବିମାନ ବଳଦେବଜୀଉ ମନ୍ଦିର ସମ୍ମୁଖକୁ ଆସିବା ପରେ ପଟୁଆରରେ ଏହା ବିଭିନ୍ନ ସ୍ଥାନ ପରିକ୍ରମା କରୁଛନ୍ତି। ବଡଦାଣ୍ଡ ପରିକ୍ରମା ପରେ ବଡଶାସନରେ ଡାଳଭଙ୍ଗାରେ ସାମିଲ ହେବା ଦେଖା ଦେଇଥାଏ। ଗୋପାଳଜୀଉ ମଠରେ ପ୍ରସାଦ ଲାଗି ହେବା ସହ ସୋମବାର ଦୋଳ ପୂର୍ଣ୍ଣିମା ଦିନ ଗୁଣ୍ଡିଚା ମନ୍ଦିର ନିକଟରେ ଥିବା ଦୋଳ ମଣ୍ଡପରେ ବାର୍ଷିକ ପାଞ୍ଜି ପାଠ କରାଯିବାର ପରମ୍ପରା ରହିଛି। ହୋଲି ଦିନ ବଡଦାଣ୍ଡସ୍ଥିତ ରଘୁନାଥଜୀଉ ମଠରେ ପଂକ୍ତି ଭୋଗ ପାଇବା ସହ ନରସିଂହପୁର ଶାସନ, ବିଶେଶ୍ୱରପୁର ଶାସନ ଓ ଶିବନାରାୟଣପୁର ସାହିକୁ ଯାଇ ଭୋଗ ଲାଗି ହୁଅନ୍ତି। ଏହା ପରେ ସ୍ନାନ ସାରି ମନ୍ଦିରକୁ ବାହୁଡି ଥାଆନ୍ତି ଶ୍ରୀ ଜୀଉ । ଆକର୍ଷଣୀୟ ପଟୁଆରରେ ଏହି ଦୋଳ ମେଳଣ ସଂପ୍ରତି ଅନୁଷ୍ଠିତ ହେଉଥିବାବେଳେ ଦାସକାଠିଆ ପ୍ରତ୍ୟହ ପରିବେଷଣ ହେଉଛି । ବଡପଣ୍ଡା ରାଜକିଶୋର ପଣ୍ଡା, ବ୍ରହ୍ମା ଗଙ୍ଗାଧର ମିଶ୍ର, ରାଜପୁରୋହିତ ପ୍ରସନ୍ନ କୁମାର ନନ୍ଦ, ପୂଜାପଣ୍ଡା ସୁବ୍ରତ କୁମାର ତ୍ରିପାଠୀ, ସୁଜିତ କୁମାର ଦାଶ, ଈଶ୍ୱର କୁମାର ତ୍ରିପାଠୀ, ପଦ୍ମନାଭ ନନ୍ଦ, ନିରାକାର ପଣ୍ଡା ଓ ଅନ୍ୟ ସେବାୟତମାନେ ଦୋଳ ନୀତି ନିର୍ବାହ କରୁଥିବାବେଳେ ମନ୍ଦିର ପ୍ରଶାସନ ତରଫରୁ ଉପଜିଲାପାଳ ରାମଚନ୍ଦ୍ର କିସ୍କୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନୀତି ତଦାରଖକାରୀ ଦ୍ୱାରିକା ପ୍ରସାଦ ରଥ, ସୁପରଭାଇଜର ପଞ୍ଚାନନ ସାହୁ, ମ୍ୟାନେଜର ପ୍ରସନ୍ନ କୁମାର ରାଉତ ପ୍ରମୁଖ ଏହି ଦେବ ନୀତି ସମ୍ପାଦନରେ ପ୍ରମୁଖ ଦାୟିତ୍ୱ ତୁଲାଉଛନ୍ତି।


ଶ୍ରୀ ମଦନମୋହନଙ୍କୁ ଦୋଳ ବିମାନରେ ସାହି ପରିକ୍ରମା କରାଯାଉଛି।

PARADIP PORT TRUST
e-TENDER CALL NOTICE
Name of the work **"Construction of Sump for Storage of treated Water including Providing & Laying of Pipe Line from STP-I to Fire Station near Gate no.4"**. EMD cost Rs.**1,27,017/-**. Last date and time of submission of Bid **25.03.2020 at 17.15Hrs**. For details please refer our website **https://eprocure.gov.in/eprocure/aap**
**Executive Engineer**
**Harbour Works Division-III**
**PPT/PR/702/19-20 Dt.06.03.2020**

OFFICE OF THE REGULATED MARKET COMMITTEE, CHAMPUA
TENDER CALL NOTICE
No.626 / RMC Dated:06.02.2020
The Sub-Collector, Champua-cum-Chairman, RMC Champua invites percentage rate bids for the work in the table below from the eligible 'D' & 'C' Class Contractors registered with Govt. of Odisha or equivalent class of Govt. of India / C.P.W.D. /central undertaking / Railway / M.E.S. in conformity with Detail Tender Call Notice to be eventually drawn in P.W.D. P1 form so as to be received up to 5.00 P.M. on dt.25.03.2020 in the Office of the RMC Champua, At-Champua, Po-Champua, Dist.-Keonjhar (Odisha) Pin-758041 through Registered / Speed Post only.
SCHEDULED OF WORKS

| Sl. No. | Name of work | Approximate value of work (in Rs.) | E.M.D. @1% (Rs.) appx. | Cost of bid document (Rs.) | Period of completion |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1. | Construction of Guard wall & Step in front of cover Pindi at Barbil Market Yard, under R.M.C., Champua. | 3,26,991.00 | 3270/- | 2000/- | 02 (Two) Months |

The detailed bid documents can be obtained from Office of the RMC Champua from dt.11.03.2020 to dt.25.03.2020 during office hours of any working day on payment of paper cost (non-refundable). The bid will be opened on dt.27.03.2020 at 11.30 A.M. at Office of the RMC, Champua, At-Champua, Po.-Champua, Dist.-Keonjhar (Odisha) in presence of the tenderer/ authorized agents if any. The RMC will not be held responsible for any postal delay. The Authority reserves the right to reject any or all the tenders without assigning any reason thereof.
Sd./- Sub-Collector, Champua-cum- Chairman, RMC, Champua

ପୂର୍ବ ତଟ ରେଳପଥ
(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-28-19
କାର୍ଯ୍ୟର ବିବରଣୀ: ଦୁଇ ବର୍ଷ ନିମନ୍ତେ ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର ସ୍ଥିତ ରେଳବାଇ କଲୋନୀ ଠାରେ ବିଦ୍ୟୁତ ଏବଂ ଜଳ ଯୋଗାଣ ବ୍ୟବସ୍ଥା, ସର୍ଭିସ୍ ବିଲ୍ଡିଂ, ଷ୍ଟାଫ୍ କ୍ୱାର୍ଟର (ଟାଇପ୍-I,II,III,IV,V), ସଡ଼କ ଆଲୋକ, ସେଣ୍ଟ୍ରାଲ ହସ୍ପିଟାଲ, ସ୍କ୍ରାପ୍ ୟାର୍ଡ୍/ଜେନେରାଲ ଷ୍ଟୋର ଡିପୋ, ରେଳବାଇ ଷ୍ଟାଡ଼ିୟମ୍‌ରେ ଇଲେକ୍ଟ୍ରିକାଲ ସିଷ୍ଟମ୍ ର ବିବିଧ ରକ୍ଷଣାବେକ୍ଷଣ କାର୍ଯ୍ୟକଳାପ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 2,05,44,104.49, EMD (ଟଙ୍କାରେ): 2,52,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 11,800/-, ଶେଷ ହେବା ଅବଧି : 24 ମାସ ।
(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-27-19
କାର୍ଯ୍ୟର ବିବରଣୀ: ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ସିନିୟର ସେକ୍ସନ ଇଲେକ୍ଟ୍ରିକାଲ ଇଂଜିନିୟର/ପୁରୀ ଅଧୀନସ୍ଥ ପୁରୀ-କଣାସ ସେକ୍ସନ ଏବଂ ସିନିୟର ସେକ୍ସନ ଇଲେକ୍ଟ୍ରିକାଲ ଇଂଜିନିୟର/ଭୁବନେଶ୍ୱର ଅଧୀନସ୍ଥ ଭୁବନେଶ୍ୱର-ରାଜଆଠଗଡ଼-ରେଡଙ୍ଗ ସେକ୍ସନ ଏବଂ ସିନିୟର ସେକ୍ସନ ଇଲେକ୍ଟ୍ରିକାଲ ଇଂଜିନିୟର/ଖୋର୍ଦ୍ଧା ରୋଡ୍ ଅଧୀନସ୍ଥ ଖୋର୍ଦ୍ଧା ରୋଡ୍-ଗଙ୍ଗାଧରପୁର-ମୋଟାରୀ-ନୟାଗଡ଼ ଟାଉନ୍ ସେକ୍ସନର ଇଲେକ୍ଟ୍ରିକାଲ ଜେନେରାଲ କାର୍ଯ୍ୟଗୁଡ଼ିକ ନିମନ୍ତେ ବିବିଧ ରକ୍ଷଣାବେକ୍ଷଣ ଚୁକ୍ତି ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 8,63,31,419.14, EMD (ଟଙ୍କାରେ): 5,81,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 11,800/-, ଶେଷ ହେବା ଅବଧି : 24 ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ଉଭୟ ଟେଣ୍ଡର ନିମନ୍ତେ): ତା.30.03.2020 ରିଖ 1500 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ(ଜେନେରାଲ)/ ଖୋର୍ଦ୍ଧା ରୋଡ୍
PR-766/K/19-20

## ସଂକ୍ଷେପରେ

### ସଙ୍ଗଠନ ସ୍ଥିତି ନେଇ ଆଲୋଚନା କଲେ ନିରଞ୍ଜନ

**କେନ୍ଦୁଝର, ୭।୩ (ସ୍ୱ.ପ୍ର.)-** କଂଗ୍ରେସ ଦଳର ସାଙ୍ଗଠନିକ ଓ ବିଭିନ୍ନ ପ୍ରସଙ୍ଗଙ୍କୁ ନେଇ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କେନ୍ଦୁଝର ଜିଲା ଗସ୍ତରେ ଆସି ଜିଲାର ନେତା ମାନଙ୍କୁ ଭେଟିଛନ୍ତି। ସ୍ଥାନୀୟ ଜିଲା କଂଗ୍ରେସ ଭବନ ଠାରେ ଆୟୋଜିତ ଏକ ବୈଠକରେ ସେ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ପିସିସି ସଭାପତି ବିଭିନ୍ନ ବ୍ଲକ, ବିଧାନସଭା ନିର୍ବାଚନମଣ୍ଡଳୀ ଗସ୍ତ କରି କଂଗ୍ରେସ କର୍ମୀଙ୍କୁ ଏକଜୁଟ କରିବେ ବୋଲି ବୈଠକରେ କହିଥିଲେ। ଦଳକୁ ସୁଦୃଢ଼ କରି ଲୋକଙ୍କ ପାଇଁ କାମ କରିବାକୁ ନେତା ମାନଙ୍କୁ ଆହ୍ୱାନ ଦେଇଛନ୍ତି । ଜିଲା ସଭାପତି ମୋହନ ଚରଣ ପରିଡା, ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ବିଦ୍ୟାଧର ଦେହୁରୀ, ପିସିସି ସମ୍ପାଦକ ସଂଗ୍ରାମ ଦାସ, କାର୍ଯ୍ୟକାରୀ ସଭାପତି ବିପ୍ଲବ ମିଶ୍ର ଓ ରତିକାନ୍ତ ବରାଳ ସମେତ ବହୁ କାର୍ଯ୍ୟକର୍ତ୍ତା ଓ ନେତା ଉପସ୍ଥିତ ରହି ମତାମତ ରଖିଥିଲେ।

### ଯୁବକଙ୍କ ଆତ୍ମହତ୍ୟା

**ଯୋଡ଼ା, ୭।୩(ଡି.ଏନ.ଏ.)-** କେନ୍ଦୁଝର ଜିଲା ଯୋଡା ସହରର କମାରଯୋଡା ହୁଡିସାହିଠାରେ ଭଡା ଘରେ ରହୁଥିବା ଦୀପକ କାରୁଆ(୨୧) ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ପୋଲିସଠାରୁ ମିଳିଥିବା ସୂଚନାନୁଯାୟୀ, ଚମ୍ପୁଆ ଅଞ୍ଚଳର ଦୀପକ ହୁଡିସାହିଠାରେ ଏକ ଭଡା ଘରେ ରହୁଥିଲେ। ଶନିବାର ସକାଳ ସମୟରେ ଘରର କବାଟ ବହୁ ସମୟ ଧରି ବନ୍ଦ ରହିବା ଫଳରେ ସ୍ଥାନୀୟ ଲୋକେ ସନ୍ଦେହ କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି କବାଟ ଖୋଲିବା ପରେ ଘର ଭିତରେ ସେ ଫାଶି ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଥିଲା। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ତେବେ ଘରୋଇ କଳହରୁ ଏହି ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ସୂଚନା ଦେଇଛି ।

### ବଦଳିଲେ ବାରିପଦା ଆଇଟିଡିଏ ପିଏ

**ବାରିପଦା ଅଫିସ, ୭।୩:** ବାରିପଦା ଆଇଟିଡିଏ ପିଏ ବିଜନ କୁମାର ଥମ୍ୱଙ୍କୁ ବଦଳ କରାଯାଇଛି। ତାଙ୍କ ସ୍ଥାନରେ ବସନ୍ତ କୁମାର ସେଠୀଙ୍କୁ ନିଯୁକ୍ତି ମିଳିଛି। ଜିଲା ପ୍ରଶାସନ ପକ୍ଷରୁ ଚିଠି ନମ୍ବର ୯୪୦,/ ତା୭।୩।୨୦୨୦ରିଖରେ ଦିଆଯାଇଥିବା ନିର୍ଦ୍ଦେଶରେ ଏହା ଦର୍ଶାଯାଇଛି। ବିଜନ ଥମ୍ୱ ଏଠାରେ ପିଏ ଥିବା ସହିତ ବାରିପଦା ଉପଜିଲାପାଳ ଦାୟିତ୍ୱରେ ରହି ଆସୁଥିଲେ। ତୁରନ୍ତ ବିଜନ ବସନ୍ତ କୁମାରଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା ପାଇଁ ଚିଠିରେ ମଧ ଉଲ୍ଲେଖ କରାଯାଇଛି। ବସନ୍ତ କୁମାର ଆଇଟିଡ଼ିଏ ପିଏ ସହିତ ବାରିପଦା ଉପଜିଲାପାଳ ଦାୟିତ୍ୱ ତୁଲାଇବେ।

### ବାଇକ୍ ଧକ୍କାରେ ୨ ଗୁରୁତର

**ଚିତ୍ରଡ଼ା, ୭।୩ (ଡି.ଏନ.ଏ):** ମୟୂରଭଞ୍ଜ ଜିଲା ସଦର ଥାନା ଅଧୀନ ଗୁଞ୍ଜୁସାହି ନିକଟରେ ୬୧ ନଂ. ରାଜ୍ୟ ରାଜପଥରେ ଶନିବାର ଅପରାହ୍ନରେ ବାଇକ୍ ଧକ୍କାରେ ୨ ଯୁବକ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ କିଷାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଛନ୍ତି। ଆହତ ଯୁବକ ଦ୍ୱୟ ବାରିପଦା ଭଞ୍ଜପୁରର ସ୍ୱରାଜ ବାରିକ ଓ ସ୍ୱରାଜ ଧୀର ବୋଲି ଜଣାପଡ଼ିଛି। ସେମାନେ ବାଇକ୍‌ରେ ବାରିପଦାରୁ ଜଳେଶ୍ୱର ଅଭିମୁଖେ ଯାଉଥିଲେ। ଅନ୍ୟ ଏକ ବାଇକ୍ ଦ୍ରୁତଗତିରେ ଆସି ସେମାନଙ୍କୁ ଧକ୍କା ଦେଇ ଚାଲି ଯାଇଥିଲା। ଫଳରେ ସେମାନେ ଭାରସାମ୍ୟ ହରାଇ ତଳେ ପଡ଼ିଯାଇଥିଲେ।

### ବିଦାୟକାଳୀନ ସମ୍ବର୍ଦ୍ଧନା

**ଭଦ୍ରକ ଅଫିସ, ୭।୩:** ଚାନ୍ଦବାଲି ବିଡିଓ ଶ୍ୟାମସୁନ୍ଦର ଟୁଡୁଙ୍କ ଅନ୍ୟତ୍ର ବଦଳି ହୋଇଛି। ଏହି ପରିପ୍ରେକ୍ଷୀରେ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବ୍ଲକ କାର୍ଯ୍ୟାଳୟ ପରିସରରେ ସହକାରୀ ନିର୍ବାହୀଯନ୍ତ୍ରୀ ଲଳିତ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସମସ୍ତ କାର୍ଯ୍ୟକର୍ତ୍ତା ତାଙ୍କ ବଦଳିକୁ ନେଇ ଭାବବିହ୍ୱଳ ହୋଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଅତିରିକ୍ତ ବିଡିଓ ସତ୍ୟନାରାୟଣ ସେଠୀ, ଯକ୍ଷ୍ମା ପ୍ରଭାତ କୁମାର ବେହେରା, ଅମିୟ କୁମାର ପଲେଇ, ଧନଞ୍ଜୟ ମହାପାତ୍ର, ଯଦୁ ଟୁଡୁ, ରାଜେନ୍ଦ୍ର ପ୍ରସାଦ ଦାସ, ରମେଶ ଚନ୍ଦ୍ର ନାୟକ, ବିବେକାନନ୍ଦ ମହାନ୍ତି, ପୁରୁଷୋତ୍ତମ ବାରିକ, ପ୍ରଶାନ୍ତ ସାହୁ, ଷ୍ଟାଲିନ୍ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ‘କର୍ମନିଯୁକ୍ତି ସୃଷ୍ଟି ସହ ବିକାଶରେ ସହାୟକ ହେବ’

**କେନ୍ଦୁଝର, ୭।୩ (ସ୍ୱ.ପ୍ର.)**

■ଭିଡ଼ିଓ କନ୍‌ଫରେନ୍ସିଂ ମାଧମରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ

କେନ୍ଦୁଝର ଜିଲାର ଝୁମ୍ପୁରା ବ୍ଲକ ଚମ୍ପାଡିହି କାସଭି ଇଣ୍ଟରନ୍ୟାଶନାଲ ପ୍ରାଇଭେଟ ଲିଃ ପକ୍ଷରୁ ଆଇରନ ଓର ପେଲେଟାଇଜେସନ ଆଣ୍ଡ ବେନିଫିସିଏଶନ ପ୍ଲାଣ୍ଟର ଭିତ୍ତିପ୍ରସ୍ତର ସ୍ଥାପନା ହୋଇଛି। ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ଜରିଆରେ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କାସଭୀ ମୁଖ୍ୟ ଦେବବ୍ରତ ବେହେରା ଉପସ୍ଥିତ ଥିଲେ । ଏହି କାରଖାନା ହେଲେ ବହୁ ସ୍ଥାନୀୟ ଲୋକଙ୍କ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ଜିଲାର ବିକାଶରେ ସହାୟକ ହୋଇ ପାରିବ ବୋଲି କମ୍ପାନୀ ପକ୍ଷରୁ ଦେବବ୍ରତ ବେହେରା କହିଛନ୍ତି। କମ୍ପାନୀ ନିକଟରେ ଦୁଇଟି ଖଣି ନିଲାମରେ ପାଇଥିବା ବେଳେ ଏହି ଲୁହାପଥରର ସୁବିନିଯୋଗ ଏହି କାରଖାନାରେ କରାଯାଇପାରିବ।



କାସଭି ମୁଖ୍ୟ ଦେବବ୍ରତ ବେହେରା ମୁଖ୍ୟମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରୁଛନ୍ତି।

ସେହିପରି ହଳଦୀଗୁଣା ଠାରେ ଥିବା ଏମଏସପି ସ୍ପଞ୍ଜ ଲୁହା କାରଖାନାର ଉତ୍ପାଦନ କ୍ଷମତା ବାର୍ଷିକ ୦.୦୫ ମିଲିୟନ ଟନ୍‌ରୁ ୦.୨୮୩ ମିଲିୟନ ଟନକୁ ବୃଦ୍ଧି କରାଯାଇଛି। ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହା ଦ୍ୱାରା ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଜଣାପଡିଛି। ଏହି ଅବସରରେ କାରଖାନା ପରିସରରେ କମ୍ପାନୀର ନିର୍ଦ୍ଦେଶକ ପ୍ରଦୀପ କୁମାର ଦେ, ସଭାପତି ଦେବବ୍ରତ ସ୍ୱାଇଁଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଥିଲା।

# ଯୁବକଙ୍କୁ ଅପହରଣ ଅଭିଯୋଗ

**ଉଦଳା, ୭।୩ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଉଦଳା ଅଞ୍ଚଳର ଜଣେ ଯୁବକଙ୍କୁ ଅପହରଣ କରି ନିଆଯାଇଥିବା ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଉଦଳା ପୋଲିସ ଏ ନେଇ ଛାନଭିନ୍ ଆରମ୍ଭ କରିଛି । ଘଟଣାର ତିନି ଦିନ ବିତିଯାଇଥିଲେ ବି ପୋଲିସ ଅପହୃତ ଯୁବକଙ୍କର କୌଣସି ଟେର୍ ପାଇ ନାହିଁ । ଅପହୃତ ଯୁବକ ଉଦଳା ଅଞ୍ଚଳର ଏକ ଘରୋଇ ବିଦ୍ୟାଳୟର ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ ବୋଲି କୁହାଯାଉଛି। ସେ ସ୍ଥାନୀୟ ଏନଏସିର ୧୧ ନଂ ୱାର୍ଡରେ ପରିବାର ସହିତ ରହୁଥିଲେ। ଗତ ୫ ତାରିଖରେ ସେ ବାଲେଶ୍ୱରରୁ ଉଦଳା ବସଷ୍ଟାଣ୍ଡକୁ ଫେରିଥିଲେ । ବସଷ୍ଟାଣ୍ଡରେ ଗୋଟିଏ ଦୋକାନରେ ପହଞ୍ଚି ତାଙ୍କ ବ୍ୟାଗକୁ ଦୋକାନୀକୁ ଦେଇ ଚାଲିଯାଇଥିଲେ । ପରେ ସେ ଆଉ ଘରକୁ ଫେରି ନ ଥିଲେ । ତାଙ୍କୁ ଅପହରଣ କରି ନିଆଯାଇଥିବା ନେଇ ତାଙ୍କ ପତ୍ନୀ ଉଦଳା ଥାନାରେ ଲିଖିତ ଅଭିଯୋଗ କରିଥିବା ପୋଲିସ କହିଛି ।

# ଯୋଡ଼ାରେ ମହିଳା ସମାବେଶ


ମହିଳା ସମାବେଶରେ ଉପସ୍ଥିତ ବିଜେଡି କର୍ମକର୍ତ୍ତା।

**ଯୋଡ଼ା, ୭।୩(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡା ସହରର ଆଜାଦ ବସ୍ତିଠାରେ ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଉପଲକ୍ଷେ ଶନିବାର ଅପରାହ୍ନରେ ଯୋଡା ବିଜେଡି ପକ୍ଷରୁ ଏକ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏହି ସମାବେଶରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ, ସମ୍ମାନିତ ଅତିଥି ଭାବେ ଜିଲା ବିଜେଡି ସଭାପତି ମାଧବ ସର୍ଦ୍ଦାର, ଯୋଡା ବ୍ଲକ ବିଜେଡି ସଭାପତି ଦିଲୀପ କୁମାର ନାଏକ, ଯୋଡା ନଗର ବିଜେଡି ସଭାପତି ଚତୁର୍ଭୁଜ ପଲେଇ, ପୂର୍ବତନ ଯୋଡା ପୌରପାଳିକା ଅଧ୍ୟକ୍ଷ ଆର.କେ ଦାସ, ନୀଳମଣୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଏହି ସମାବେଶରେ ଯୋଡା ବ୍ଲକର ବିଭିନ୍ନ ପଞ୍ଚାୟତ ଓ ସହରରୁ ୧ ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କ ସମାଗମ ହୋଇଥିଲା ।

# ମେସ୍କୋ ଦାଖଲ କଲା ୪୫ ଲକ୍ଷ ଟଙ୍କା

**କେନ୍ଦୁଝର, ୭।୩(ଡି.ଏନ୍.ଏ.)**

**ଜରିମାନା ଖିଲାପି ଶୁଣାଣି**

ଶନିବାର କେନ୍ଦୁଝର ଜିଲାପାଳଙ୍କ କୋର୍ଟରେ ଜରିମାନା ଖିଲାପୀ ଦୁଇଟି ଖଣିର ଶୁଣାଣି ହୋଇଯାଇଛି। ଏହି ଅବସରରେ ମେସ୍କୋ ଖଣି କର୍ତ୍ତୃପକ୍ଷ ୪୫ ଲକ୍ଷ ଟଙ୍କା ଦାଖଲ କରିଥିବା ଜିଲାପାଳଙ୍କ କୋର୍ଟ ସୂତ୍ରରୁ ଜଣାପଡିଛି। ଶନିବାର ମିଡ୍‌ଇଷ୍ଟ ଇଣ୍ଟିଗ୍ରେଟେଡ ଷ୍ଟିଲ(ମେସ୍କୋ) ଏବଂ ଗନ୍ଧମାର୍ଦ୍ଦନ ସ୍ପଞ୍ଜ ଆଇରନ ଲିଃ ଖଣି ଲିଜ୍‌ଧାରୀଙ୍କୁ ଜିଲାପାଳଙ୍କ କୋର୍ଟରେ ହାଜର ପାଇଁ ନୋଟିସ ହୋଇଥିଲା। ପୂର୍ବରୁ ଚାଲିଥିବା ଓପିଡିଆର୍ ସାର୍ଟିଫିକେଟ କେଶ ଆଧାରରେ ମିଡଇଷ୍ଟ ଇଣ୍ଟିଗ୍ରେଟେଡ ଷ୍ଟିଲ କର୍ତ୍ତୃପକ୍ଷ କୋର୍ଟରେ ହାଜର ହୋଇ ବକେୟା ଥିବା ଜରିମାନା ଅର୍ଥରୁ ୪୫ଲକ୍ଷ ଟଙ୍କା ଦାଖଲ କରିଥିଲେ। ପୂର୍ବରୁ ଉକ୍ତ ଖଣି କର୍ତ୍ତୃପକ୍ଷ ୧କୋଟି ୩୫ଲକ୍ଷ ଟଙ୍କା ଦାଖଲ କରି ସାରିଥିବାବେଳେ ବକେୟା ଅର୍ଥ ପ୍ରଦାନ ପାଇଁ ସମୟ ନେଇଥିବା ଜଣାପଡିଛି। ସେହିପରି ଗନ୍ଧମାର୍ଦ୍ଦନ ସ୍ପଞ୍ଜ ଆଇରନ ଲିଃ ଖଣି କର୍ତ୍ତୃପକ୍ଷଙ୍କ ମାମଲା ନ୍ୟାଶନାଲ କମ୍ପାନୀ ଲ ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଟି)ରେ ଚାଲୁଥିବାରୁ କେନ୍ଦୁଝର ଜିଲାପାଳଙ୍କ କୋର୍ଟ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାକୁ ଖଣି କର୍ତ୍ତୃପକ୍ଷ କୋର୍ଟଙ୍କୁ ନିବେଦନ କରିଥିଲେ। ତେବେ ବକେୟା ପଡିଥିବା ଜରିମାନା ଅର୍ଥ ପରବର୍ତ୍ତୀ ଶୁଣାଣୀ ତାରିଖରେ ଦାଖଲ କରିବାକୁ ଜିଲାପାଳଙ୍କ କୋର୍ଟ ନିର୍ଦ୍ଦେଶ ଦେଇଥିଲା। ସୂଚନାଯୋଗ୍ୟ ଯେ, କେନ୍ଦୁଝର ଜିଲାର ୩୧ ଖଣିର ୨୩ଜଣ ଖଣି ଲିଜ୍‌ଧାରୀଙ୍କଠାରୁ ୬୩୫୦କୋଟି ଟଙ୍କା ଜରିମାନା ଆଦାୟ ପାଇଁ ନୋଟିସ ଜାରି ହୋଇଥିଲା। ଧାର୍ଯ୍ୟ ସମୟରେ ଜରିମାନା ପଇଠ ନକରିବାରୁ ଖଣି କମ୍ପାନୀଗୁଡିକ ବିରୋଧରେ କେନ୍ଦୁଝର ଜିଲାପାଳଙ୍କ କୋର୍ଟରେ ଯୋଡା ଖଣି ଉପନିର୍ଦ୍ଦେଶକ ଏବଂ କେନ୍ଦୁଝର ଖଣି ଅଧିକାରୀ ଓପିଡିଆର୍ ଆକ୍ଟ ୧୯୬୨ ଅନୁଯାୟୀ ସାର୍ଟିଫିକେଟ କେଶ କରିଥିଲେ। ଗତ ୨୦୧୮ ମସିହାରୁ କେନ୍ଦୁଝର ଜିଲାପାଳଙ୍କ କୋର୍ଟରେ ଓପିଡିଆର୍ ସାର୍ଟିଫିକେଟ କେଶର ବିଚାର ପ୍ରକ୍ରିୟା ଚାଲୁ ରହିଛି।

# ବ୍ଲକସ୍ତରୀୟ ଚାଷୀ ସମାବେଶ

**ଖୁଣ୍ଟା,୭।୩(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ କୁସୁମଘାଟି ଗ୍ରାମରେ ଶନିବାର ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବ୍ଲକସ୍ତରୀୟ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଚାଷୀ ସୁକୁରା ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ସଙ୍ଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅକ୍ଷୟ କୁମାର, ସମ୍ମାନିତ ଅତିଥି ଭାବେ ଜିଲା ସଂଯୋଜକ ପ୍ରାଣବନ୍ଧୁ ପଲେଇ, ଗୋପବନ୍ଧୁନଗର ବ୍ଲକ ସଂଯୋଜକ କମଳାକାନ୍ତ ମହାକୁଡ଼ ଓ ଖୁଣ୍ଟା ବ୍ଲକ ସଂଯୋଜକ ଶକ୍ତିପଦ ପାତ୍ର ଯୋଗ ଦେଇଥିଲେ। ସମାବେଶରେ ବହୁ ଚାଷୀ ଯୋଗଦେଇ ନିଜର ମତ ଉପସ୍ଥାପନ କରିଥିଲେ। ଚାଷୀଙ୍କ ସର୍ବନିମ୍ନ ଦାବି ପ୍ରାଇସ, ପ୍ରେଷ୍ଟିଜ ଓ ପେନ୍‌ସନ ବ୍ୟତୀତ ସେମାନେ ବିଭିନ୍ନ ସମୟରେ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିପାଇଁ ସରକାରଙ୍କ କୃଷି ନୀତିକୁ ଦାୟୀ କରାଯାଇଥିଲା। ଏ ସମ୍ପର୍କରେ ଆସନ୍ତା ମେ’ରେ ଭୁବନେଶ୍ୱରଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ସମାବେଶରେ ବହୁସଂଖ୍ୟାରେ ଯୋଗଦେବାକୁ ରାଷ୍ଟ୍ରୀୟ ଅଧ୍ୟକ୍ଷ ଉପସ୍ଥିତ ଚାଷୀମାନଙ୍କୁ ଆହ୍ୱାନ ଦେଇଥିଲେ।

# ପଞ୍ଚାୟତ ସ୍ତରରୁ ପ୍ରସ୍ତୁତ ହେବ କୃଷି ଖସଡ଼ା



ବୈଠକରେ (ବାମରୁ) ବିଧାୟକ ପ୍ରଫୁଲ୍ଲ ସାମଲ, ସଞ୍ଜୀବ ମଲ୍ଲିକ, ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ଅନ୍ୟ ଅଧିକାରୀମାନେ।

**ଭଦ୍ରକ ଅଫିସ,୭।୩**

ରାଜ୍ୟ ସରକାରଙ୍କ ଆମ କୃଷି ଯୋଜନା ସମ୍ପର୍କିତ ଜିଲାପରିଷଦର ଏକ ସ୍ୱତନ୍ତ୍ର ବୈଠକ ଶନିବାର ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲାପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ପ୍ରଫୁଲ୍ଲ ସାମଲ, ସଞ୍ଜୀବ ମଲ୍ଲିକ, ଧାମନଗର ବିଧାୟକ ପ୍ରତିନିଧି ଅଶୋକ ପୁହାଣ, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ ଓ ଜିଲାପରିଷଦ ଉପାଧ୍ୟକ୍ଷା ଜ୍ୟୋସ୍ନାରାଣୀ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମାଞ୍ଚଳରେ କୃଷି କ୍ଷେତ୍ରରେ ବିନିଯୋଗ ହେଉଥିବା ଚାଷଜମିର ଆକଳନ କରାଯାଇ ସେଥିରେ ହେଉଥିବା ବିଭିନ୍ନ ଫସଲର କିସମକୁ ଅଲଗା ଭାବେ ଆକଳନ କରିବା, କୃଷକମାନେ କିପରି ଗ୍ରାମ୍ୟ ସ୍ତରରେ ବିହନ, ସାର, କୀଟନାଶକ ପାଇପାରିବେ, ଜମିର ମୃତ୍ତିକାକୁ ନେଇ କେଉଁ ଫସଲ ଚାଷ ହୋଇପାରିବ, ମୃତ୍ତିକା ପରୀକ୍ଷଣ, କେତେ ଜମି କେଉଁ ପ୍ରକାରର ଜଳସେଚନ ବନ୍ଦୋବସ୍ତ ମଧ୍ୟରେ ରହିଛି, ଜଳସେଚନ ବ୍ୟବସ୍ଥା ଅନୁଯାୟୀ କେଉଁ ଫସଲ କରାଯାଇପାରିବ, ଜଳନିଧି ଯୋଜନାରେ ବୋର୍‌ୱେଲ, ସେଲୋ ପଏଣ୍ଟ, ଟ୍ୟୁବୱେଲ ଆଦି ବନ୍ଦୋବସ୍ତ, ନଦୀ ଜଳ ଉଠାଇ ଜମିକୁ କିପରି ମଡ଼ା ଯାଇପାରିବ, ବିଜୁ କୃଷକ ଯୋଜନାରେ ହିତାଧିକାରୀଙ୍କୁ ସୁବିଧା ସୁଯୋଗ ଦେବା ସମ୍ପର୍କରେ ଆଲୋଚନା ହୋଇଥିଲା। ମୁଖ୍ୟତଃ ଏସବୁର ଆକଳନ ପଞ୍ଚାୟତ ସ୍ତରରେ କରାଯାଇ ତାହାର ଏକ ଖସଡ଼ା ପଞ୍ଚାୟତ ସମିତିକୁ ପ୍ରଦାନ କରାଯିବ। ପଞ୍ଚାୟତ ସମିତି ସ୍ତରରେ ଆଲୋଚନା ପରେ ଏକ ମାଷ୍ଟରପ୍ଲାନ ଜିଲାସ୍ତରକୁ ଦିଆଯିବ। ଜିଲା ପରିଷଦ ବୈଠକରେ ଏହାକୁ ଅନୁମୋଦନ କରାଯିବା ପରେ ଚୂଡ଼ାନ୍ତ ଖସଡ଼ା ରାଜ୍ୟ ସରକାରଙ୍କୁ ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଜିଲା କୃଷି ବିଭାଗ, ଉଦ୍ୟାନ, ସମବାୟ, ସାଳନ୍ଦୀ ଜଳସେଚନ ଓ ଉଠାଜଳସେଚନ ବିଭାଗର ଅଧିକାରୀମାନେ ବୈଠକରେ ଯୋଗଦେଇଥିଲେ।

# ବଳାତ୍କାର ଅଭିଯୋଗ: ଅଭିଯୁକ୍ତ ଗିରଫ

**କପ୍ତିପଦା,୭।୩(ଡ଼ି.ଏନ୍.ଏ.)**

ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ମାଙ୍କଡ଼ପଡ଼ା ଅଞ୍ଚଳରେ ଜଣେ ବିବାହିତା ମହିଳାଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ୍ ଅଭିଯୁକ୍ତଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ ମହିଳା ଜଣଙ୍କ ତାଙ୍କ ସ୍ୱାମୀ ସହିତ ନିଜ ଭଉଣୀ ଘର ଗ୍ରାମକୁ ଜାହିରା ପୂଜା ପାଇଁ ଯାଇଥିଲେ। ରାତିରେ ସ୍ୱାମୀ ଓ ତାଙ୍କର ଜଣେ ସମ୍ପର୍କୀୟ ନିଶାସେବନ କରିଥିଲେ। ସ୍ୱାମୀ ଶୋଇଯିବା ପରେ ସମ୍ପୃକ୍ତ ସମ୍ପର୍କୀୟ ତାଙ୍କୁ ବଳାତ୍କାର କରିଥିଲେ। ଏ ସମ୍ପର୍କରେ କପ୍ତିପଦା ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ ୬୫/୨୦) ରୁଜୁ କରି ଅଭିଯୁକ୍ତ ରାମ ହାଁସଦାଃଙ୍କୁ ଗିରଫ କରିଛି। ଶନିବାର ପୀଡିତା ଓ ଅଭିଯୁକ୍ତଙ୍କୁ ଡାକ୍ତରୀମାଇନା କରାଯାଇଥିବା ପୋଲିସ କହିଛି।

# ବିଭିନ୍ନ ମହଲରୁ ମମତାଙ୍କୁ ସ୍ୱାଗତ


ବିଶୋଇରେ ମମତାଙ୍କୁ ସମ୍ବର୍ଦ୍ଧନା।

**ବାରିପଦା ଅଫିସ/ବିଶୋଇ, ୭।୩ (ଡି.ଏନ.ଏ.)**

ବିଜେଡିରୁ ମମତା ମହାନ୍ତଙ୍କୁ ରାଜ୍ୟସଭା ପ୍ରାର୍ଥୀ ଘୋଷଣା କରାଯିବା ପରେ ଜିଲାର ବିଭିନ୍ନ ମହଲରୁ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଜିଲା ବିଜେଡି ପକ୍ଷରୁ ସନ୍ଧ୍ୟାରେ ବାରିପଦାଠାରେ ତାଙ୍କୁ ଅଭିନନ୍ଦନ ଜଣାଯାଇଥିଲା। ପୂର୍ବତନ ଜିଲା ବିଜେଡ଼ି ସଭାପତି ତଥା କୃଷି ଶିଳ୍ପ ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ଜିଲା ଯୁବ ବିଜେଡ଼ି ସଭାପତି ଜିତେନ୍ଦ୍ର ମହାନ୍ତିଙ୍କ ସମେତ ଏକାଧିକ ନେତା ଓ କର୍ମୀମାନେ ତାଙ୍କୁ ମଧ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ମମତା କୁଡୁମୀ ସମ୍ପ୍ରଦାୟର ହୋଇଥିବାରୁ ରାଜ୍ୟ କୁଡୁମୀ ସେନାର ସଭାପତି ଜୈମୁନୀ କୁମାର ମହାନ୍ତ ମମତାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

ଆମ ବିଶୋଇ ପ୍ରତିନିଧି ଜଣାଇଛନ୍ତି ଯେ, ମମତାଙ୍କ ଘର ବିଶୋଇ ବ୍ଲକର ଏନ.ବି ପୋଖରିଆ ଗ୍ରାମରେ। ତାଙ୍କୁ ରାଜ୍ୟସଭା ପାର୍ଥିନୀ ଭାବେ ଘୋଷଣା କରାଯିବା ପରେ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ମହଲରୁ ତାଙ୍କୁ ସ୍ୱାଗତ କରାଯାଇଛି। ସ୍ଥାନୀୟ ଡାକବଙ୍ଗଳା ଠାରେ ବିଜେଡି ମହିଳା ସମାବେଶ ଓ ଜୀବନ ବିନ୍ଦୁ ନିମନ୍ତେ ପ୍ରସ୍ତୁତି ବୈଠକ ଚାଲିଥିବା ସମୟରେ ଏହି ଖବର ଆସିଥିଲା। ଏହାପରେ ବିଜେଡି କର୍ମୀ ମହଲରେ ଖୁସିର ମାହଲ ଦେଖାଯାଇଥିଲା। ବୈଠକରେ ଉପସ୍ଥିତ ଜିଲା ବିଜେଡି ସଭାପତି କାଶୀନାଥ ହେମ୍ବ୍ରମ, ସାରସକଣା ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ମୁକ୍ତିକାନ୍ତ ମଣ୍ଡଳ, ସରୋଜିନୀ ହେମ୍ବ୍ରମ, ଦେବାଶିଷ ମହାନ୍ତି, ଖଡ଼ମବେଡ଼ା ସରପଞ୍ଚ ଅମର ସିଂ ଟୁଡୁ, ବିଶୋଇ ବ୍ଲକ ଅଧ୍ୟକ୍ଷା ତୁଳସୀ ଶିକ୍ରି ହାଁସଦା, ବିଶୋଇ ବ୍ଲକ ବିଜେଡି ସଭାପତି ଫାଗୁରାମ ମାର୍ଣ୍ଡି ପ୍ରମୁଖ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

# ମହିଳାଙ୍କ ଆଇନ ଅମାନ୍ୟ ଆନ୍ଦୋଳନ



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମହିଳାମାନେ ପ୍ରତିବାଦ କରୁଛନ୍ତି।

**ଭଦ୍ରକ ଅଫିସ, ୭।୩**

ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସିଆଇଟିୟୁ ପକ୍ଷରୁ ମହିଳାମାନେ ଆଇନ ଅମାନ୍ୟ ଆନ୍ଦୋଳନ କରିଥିଲେ। ମହିଳା ଶ୍ରମିକଙ୍କୁ ପୁରୁଷ ଶ୍ରମିକଙ୍କ ପରି ସମାନ ଦରମା ଦିଆ ନ ଯିବା, ସ୍କିମ ଶ୍ରମିକଙ୍କୁ ସ୍ଥାୟୀ ମାନ୍ୟତା ନ ଦେବା, ବେକାର ଯୁବତୀଙ୍କୁ ଚାକିରି ନ ଦେବା, ମହିଳାମାନଙ୍କୁ ସମସ୍ତ ନିର୍ବାଚିତ ସଂସ୍ଥାରେ ୩୩ ପ୍ରତିଶତ ସଂରକ୍ଷଣ ନ ଦେବା, ଶିଶୁ ଓ ମହିଳାମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ବନ୍ଦ ନ କରିବା ଆଦି ସରକାରଙ୍କ ମହିଳା, ଶ୍ରମିକବିରୋଧୀ କାର୍ଯ୍ୟର ପ୍ରତିବାଦ କରି ଏହି ଆନ୍ଦୋଳନ କରାଯାଇଥିଲା। ସେହିପରି ନାଗରିକତ୍ୱ ସଂଶୋଧନ ଆଇନ, ଏନ୍‌ପିଆର୍ ଓ ଏନ୍‌ଆର୍‌ସିକୁ ଲାଗୁ କରା ନ ଯିବାକୁ ଦାବି ହୋଇଛି। ମହିଳାମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସମବେତ ହୋଇଥିଲେ। ସେଠାରେ ଶ୍ରମିକନେତା ଦିବ୍ୟସିଂହ ନାୟକଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ମଳୟ ଭୋଇ, ବିଷ୍ଣୁ ଦାଶ, ବିକାଶ ନାଥ, ରାଧା ଦାସ, ମମତା ଜେନା, ପ୍ରଭାତୀ ଜେନା ପ୍ରମୁଖ ବକ୍ତବ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତି ଅଭିଯୋଗ କରି ପ୍ରତିବାଦ ଜଣାଇଥିଲେ। ଶେଷରେ ଟାଉନ ଥାନା ପୋଲିସ ଦ୍ୱାରା କେତେଜଣ ମହିଳା ଗିରଫ ହୋଇ ଜାମିନରେ ଯାଇଥିଲେ।

ଆଜି କ’ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ସରିଲା ମୁନ୍‌ସୀ ମେଳଣ

**ଭଣ୍ଡାରିପୋଖରୀ,୭।୩(ଡି.ଏନ.ଏ.)**

ଭଣ୍ଡାରିପୋଖରୀ ଥାନା ପରିସରରେ ଚାଲିଥିବା ମୁନ୍‌ସୀ ମେଳଣ ଶନିବାର ଉଦ୍‌ଯାପିତ ହୋଇଯାଇଛି। ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ରକ୍ଷା କରିବା ପାଇଁ ଏହା ଏକ ଅନନ୍ୟ ମାଧ୍ୟମ ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ମୁନ୍‌ସୀ ମେଳଣ କମିଟି ସଭାପତି ଲକ୍ଷ୍ମୀଧର ନାୟକଙ୍କ ସଂଯୋଜନାରେ ସଭା ଅନୁଷ୍ଠିତ ହୋଇଥିଲା। ବିଧାୟକ ପ୍ରଫୁଲ୍ଲ ସାମଲ, ସୁଧାକର ନନ୍ଦ, ବଦ୍ରିନାରାୟଣ ଧଳ, ସୁବ୍ରତ ଦାସ, ଅତିରିକ୍ତ ଏସ୍‌ପି ବିକାଶ ଦାଶ, ଏସ୍‌ଡିପିଓ ମନୋରଞ୍ଜନ ସାମଲ, ଥାନାଧିକାରୀ ସନାତନ ସାହୁ, ଗୋଲକ ବେହେରା, ସୁଜାତା ଜେନା ପ୍ରମୁଖ ଯୋଗଦେଇ ଅତୀତରେ ଥାନାପୋଡ଼ି ଓ ମୁନସୀ ମେଳଣ ଆୟୋଜନ ଘଟଣା ସମ୍ପର୍କରେ କହିଥିଲେ। ଗୁରୁବାର ରାତିରେ ଗାୟିକା ଲିପ୍‌ସା ମହାପାତ୍ର, କୁଳଦୀପ ଓ କମେଡ଼ି ଉପସ୍ଥାପକ ଗୋପୀ ଡିଙ୍ଗ୍‌ଡଙ୍ଗ ଏବଂ ଶୁକ୍ରବାର ସନ୍ଧ୍ୟାରେ କମେଡି କିଙ୍ଗ୍ ପପୁ ପମ୍‌ପମ୍, ଜେମ୍‌ସ, ପ୍ରିୟା କୁମାର ଗୌତମ ମେଲୋଡ଼ି ପରିବେଷଣ କରିଥିଲେ। ମେଳଣ ଉତ୍ସବରେ ଶୁକ୍ରବାର ରାତିରୁ ଶନିବାର ପର୍ଯ୍ୟନ୍ତ ହଜାର ହଜାର ଲୋକଙ୍କ ଗହଳି ଲାଗିରହିଥିଲା। ବାଜା, ବାଡ଼ିଖେଳ, ଡିଜେ ଧ୍ୱନିରେ ବଜାର ଓ ମେଳଣ ପଡ଼ିଆ ପ୍ରକମ୍ପିତ ହୋଇଉଠିଥିଲା। ରାଧାକୃଷ୍ଣ ବସିଥିବା ୫୩ଟି ସୁସଜ୍ଜିତ ବିମାନ ଆଟୋପ ଶୋଭାଯାତ୍ରାରେ ଆସି ଭଣ୍ଡାରିପୋଖରୀ ବଜାର କାଳୀମଣ୍ଡପଠାରେ ପହଞ୍ଚିଥିଲେ। ଥାନାଧିକାରୀ ପ୍ରତ୍ୟେକ ବିମାନ ପାଖକୁ ଯାଇ ଥାନା ପରିସର ମେଳଣ ମଣ୍ଡପକୁ ଆସିବା ପାଇଁ ଆମନ୍ତ୍ରଣ କରିଥିଲେ।


ମେଳଣ ଶୋଭାଯାତ୍ରାରେ ବାହାରିଥିବା ସୁସଜ୍ଜିତ ବିମାନ।

ଥାନା ପକ୍ଷରୁ ପ୍ରତ୍ୟେକ ବିମାନ ପାଖରେ ଭୋଗ ଲଗାଯାଇଥିଲା। ମନୋହରପୁର ଗ୍ରାମର ଶ୍ୟାମସୁନ୍ଦରଜୀଉ, ଉତ୍ତରବାଡ଼ର ମୁରଲୀ ମନୋହରଜୀଉ, ହାଟଡିହର ବୃନ୍ଦାବନଜୀଉ, ଉତ୍ତରବାଡ଼ର ଶ୍ୟାମସୁନ୍ଦରଜୀଉ, ଠାକୁରାଣୀସାହି ବାହାଦଲପୁର ରାଧାଶ୍ୟାମଜୀଉ ମେଳଣରେ ସାମିଲ ହୋଇଥିଲେ। ସମସ୍ତ ଠାକୁରଙ୍କ ପାଖରେ ଭୋଗ ଲଗାଯିବା ପରେ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ଅବିର ଖେଳାଯାଇଥିଲା। ଜୀଉମାନଙ୍କୁ ଦକ୍ଷିଣା ପ୍ରଦାନ କରାଯାଇ ମେଳଣ ଉତ୍ସବ ଉଦ୍‌ଯାପିତ ହୋଇଥିଲା। ଅନନ୍ତ ତ୍ରିପାଠୀ, ଲୁଲୁ ପରିଡ଼ା, ବିଜୟ ଶଙ୍କର ମହାନ୍ତି, ପ୍ରଶାନ୍ତ ସାହୁ, ଲଳିତ ରାଉତ, ପ୍ରଭାତ ସାହୁ, ଦୁର୍ଯ୍ୟୋଧନ ଲେଙ୍କା, ଏଏସ୍‌ଆଇ ଗୌରମଣି ସିଂ, ଅନୁରାଗ ମହାନ୍ତି, ପ୍ରତାପ ରାଉତ, ଚିତ୍ତରଞ୍ଜନ ନାୟକ, ଶାନ୍ତିଲତା ସୋରେନ, ମୁନି ଜାରିକା ପ୍ରମୁଖ ପରିଚାଳନା କରିଥିଲେ।